ମୁଁ କିଛି ଉତ୍ତର ନ ଦେଇ ଘର ଭିତରକୁ ପଶିଲି । ସେ ମଧ୍ୟ ମୋ ପଛେ ପଛେ ଫେରିଲେ ଦରଜା ବନ୍ଦ କରି । ସ୍ନେହ ବସିଥିଲେ ଅଗଣାରେ—ମାଉସୀଙ୍କ ପାଖରେ ।

ପଚାରିଲି, "ସ୍ନେହ, ଏ ବାବୁଙ୍କୁ ତ ଚିହ୍ନି ପାରିଲିନି ।"

ସ୍ନେହ କହିଲେ, "ସେ ହେଉଛନ୍ତି ମନୋରଞ୍ଜନ ବାବୁ । ଆମରି ଗାଁରେ ଘର । ବି. ଏ. ପାଶକରି ସେକ୍ରେଟେରିଏଟରେ ଚାକିରି କରନ୍ତି ।" ମୋର ପରିଚୟ ଦେବାପାଇଁ ମନୋରଞ୍ଜନ ବାବୁଙ୍କ କହିଲେ, "ଯାଙ୍କି

ନାଁ ଜୀବନ ବାବୁ—ପ୍ରଥମ ବାର୍ଷିକ ବିଜ୍ଞାନର ଜଣେ ଛାତ୍ର । ଘର ଯାଜପୁର୍ ।"

ମୁଁ ତାଙ୍କୁ ହାତ ଉଠାଇ ନମସ୍କାର କଲି । ମନୋରଞ୍ଜନବାବୁ ଟିକିଏ ଶୁଖିଲା ହସ ହସି ପ୍ରତିନମସ୍କାର କଲେ । ମାଉସୀ ମୋ ହାତରେ ଥିବା ଜିନିଷ ପ୍ରତି ଲକ୍ଷ୍ୟକରି କହିଲେ, "ସେ କଅଣ କି ?"

"ଝିଅପାଇଁ ଆଣିଛି ଆଜି ତା'ର ଜନ୍ମଦିନ !" ମୁଁ କହିଲି ।

ସେ ସବୁଗୁଡ଼ିକ ଦେଖି କହିଲେ, "ଛି, ବାପା—ମୁଁ ତ କିଣି ଆଣିଥିଲି—ତମେ ଏସବୁ କିଣି ଅଯଥା ପଇସାଗୁଡ଼ାକ ଖର୍ଚ୍ଚ କଲ ସିନା ।"

ଏତିକବେଳେ ମନୋରଞ୍ଜନବାବୁ ମାଉସୀଙ୍କୁ ଲକ୍ଷ୍ୟ କରି କହିଲେ, "ମାଉସି, ମୁଁ ଯାଉଛି—ମୋର ଟିକିଏ ଜରୁରି କାମ ଅଛି । ମୁଁ ଆସିବି ଠିକ୍ ନଅଟା ବେଳକୁ ।"

"ଠିକ୍ ଆସିବୁ" ମାଉସୀ କହିଲେ ।

ସ୍ନେହ ଅନୁନୟ କରି କହିଲେ, "ମନୁଭାଇ, ମୋ ରାଣୀଟି ଆସିବ ।"

ଶୁଖିଲା ମୁହଁରେ 'ହଁ'ଟିଏ କହି ସେ ଗ୍ରୀନ୍ ମଡେଲ ଉପରେ ଉଠିଲେ ।

ଦାଣ୍ଡ ଦରଜା ବନ୍ଦ କରି ଆମେ ଦୁହେଁ ଘରେ ବସିଲୁଁ ।

"ଆଜି ବୁଲି ଯିବା ?" ମୁଁ ପଚାରିଲି ।

"ନଷ୍ଟଯୁ, ଟିକିଏ ଅପେକ୍ଷା କରନ୍ତୁ—ମୁଁ ଆସୁଛି" କହି ସେ ଘର ଭିତରକୁ ଗଲେ । ମୁଁ ତାଙ୍କ ବିଛଣାରେ ଶୋଇ ରହିଲି ।

କିଛି ସମୟ ପରେ ଫେରିଲେ ସେ ।

"ଝିଅ—?" ଶୋଇ ରହି ପଚାରିଲି ମୁଁ ।

"ସେ ଆଜି ଯିବନି । ତାର ଜନ୍ମଦିନ, ପୂଜା ହେବ—ସେ ଦେଖିବ ।"

ଆମେ ଚାଲିଲୁଁ ।

—କାଂଡ଼—

ଅଗ୍ରାହନଅ ନଈ । ବନ୍ଧ ତଳକୁ ଗଡ଼ିଯାଇ ନଈ ବାଲି ଉପରେ ବସିଲୁଁ । ଦୂର ଦିଗ୍‌ବଳୟରେ ଅସ୍ତଗାମୀ ସୂର୍ଯ୍ୟ ପାଣି ବଉଦରେ ସ୍ୱର୍ଣ୍ଣ-ରେଣୁର ଅଗ୍ନି ଢାଳୁଥାଏ । ମୁଁ ଚାହିଁ ରହିଥାଏ ସେଇ ଆଡ଼କୁ ଅସ୍ୱହସ୍ତ ହୋଇ । ଦୂର ରେଲ ପୋଲ ଉପରେ ଝଣ୍ଡେ ମାଲଗାଡ଼ି ଚାଲିଗଲା ମୋର ଧ୍ୟାନ ଭାଙ୍ଗି ଦେଇ । ମୁଁ ଫେର ଚାହିଁଲି ସ୍ନେହଙ୍କ ଆଡ଼କୁ । ନଖରେ ଗାର କାଟୁଥିଲେ ବାଲି ଉପରେ ସେ ।

ରୂପ ଭୈରବୀ ସନ୍ଧ୍ୟାର ଶାନ୍ତ ଇନ୍ଦ୍ରଧନୁର ରଙ୍ଗ ଧରିଲା··ମୁଁ ପୁଣି ଚାହିଁ ରହିଲି ତାଙ୍କର ପୋଟଳ-ଚିରା ଆଖି ଯୋଡ଼ିକୁ । କେତେ ଧବଳ—କେତେ ସୁନ୍ଦର !!

ବସନ୍ତ ପବନରେ ଦୋଳାୟମାନ ଚୂର୍ଣ୍ଣ କୁନ୍ତଳ ତାଙ୍କର ମନରେ ମୋର ସବୁଜତାର ଛବି ଆଙ୍କିଲା ।

ମୁଁ ଅଧୀର ହୋଇ ଡାକିଲି—'ସ୍ନେହ ।' କଣ୍ଠ ମୋର ଥରି ଉଠିଲା ।

'ଉଁ-ହୁଁ' ସେ ଆଖି ଟେକି ମୋ ଆଡ଼କୁ ଚାହିଁଲେ ।

ମୁଁ ଚାହିଁଲି—ଆଖିରେ ତାଙ୍କର ଉଦାସ ଚାହାଣୀ—ଯୌବନର ବ୍ୟର୍ଥତା ।

ଦେହର ପ୍ରତ୍ୟେକ ତନ୍ତ୍ରୀ ମୋର ଥରି ଉଠିଲା । ମୁଁ କିଛି କହି ପାରିଲି ନି । ଜନଶୂନ୍ୟ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା—ବସିଥିଲୁ ସେ ଆଉ ମୁଁ ।

"ଶୀରୁ ଯେ, କିଛି କୁହ" ନୀରବତା ଭାଙ୍ଗି ସେ କହିଲେ ।

କହିବାପାଇଁ ମୋ ମନରେ କିଛି ନ ଥିଲା । ମୁଁ ଭଷା ପାଇଲି ନାହିଁ । "ଚାଲ ଯିବା—ମାଉସୀ ଅପେକ୍ଷା କରିଥିବେ ।" ଏତିକି କହି ଉଠିଲି ମୁଁ ।

ସେ କିନ୍ତୁ ବସି ରହିଲେ ।

ତାଙ୍କୁ ହାତ ଧରି ଟାଣି ଉଠାଇ ଦେଲି । କୋଳକୁ ମୋର ଆଉଜି ପଡ଼ିଲେ ସେ—ଓଠ ମୋର ଥରି ଉଠିଲା ।

ଏତେ ବଡ଼ ଭୁଲଟାକୁ ପ୍ରଶ୍ରୟ ଦେଲିନି ମୁଁ — ନିଜକୁ ସମ୍ଭାଳି ନେଲି । ଆମେ ଦୁହେଁ ବୁଲିଲୁଁ ବନ୍ଧ ଉପରେ ହାତରେ ହାତ ଛନ୍ଦି ।

ଜୀବନର ପ୍ରଥମ ଅନୁଭୂତି ମୋର—ଯୌବନର ପ୍ରଥମ ସ୍ପନ୍ଦନ—ପ୍ରାଣ ମୋର ଥରି ଉଠିଲା । ତାଙ୍କର ଚୁମ୍ବନ-ଜ୍ୱଳନର ସୁଗନ୍ଧ ଅଧରର ମୋର ପ୍ରାଣକୁ ବିଜଡ଼ିତ କଲା—ମୁଁ ଦୁର୍ବଳ ହୋଇ ପଡ଼ିଲି ।

ଆମେ ଘରେ ପହଞ୍ଚିଲୁଁ । ମାଉସୀ ଆମକୁ ଅପେକ୍ଷା କରୁଥିଲେ । ମନୋରଞ୍ଜନବାବୁ କିଛି ସମୟ ପରେ ଫେରିଲେ । ଖାଇବାର ଯୋଗାଡ଼ ହେଲା । ସ୍ନେହ, ମୁଁ ଓ ମନୋରଞ୍ଜନବାବୁ ଖାଇ ବସିଲୁଁ । ଖାଇଲାବେଳେ ଏଣୁତେଣୁ ଗପ, ସପ ହେଲା । ମନୋରଞ୍ଜନବାବୁ ଖୁବ୍ କମ ଯୋଗ ଦେଉଥିଲେ । ଖାଇବା ସରିଲା — ମନୋରଞ୍ଜନବାବୁ ତରବରରେ ଚାଲିଗଲେ ।

ଖାଇସାରି ସ୍ନେହଙ୍କ ବିଛଣା ଉପରେ ବସିଛି, ସେ ଆସିଲେ ହାତରେ ଦୁଇଖଣ୍ଡ ପାନ ଧରି ।

ମୁଁ ତ ପାନ ଖାଏ ନା । —କହିଲି ମୁଁ ।

—ପାନ ଖାଅନ୍ତ ନାହିଁ ? କିନ୍ତୁ ସିଗାରେଟ୍ ତ ବହୁତ ଚଲେ ।

—ମୁଁ ସିଗାରେଟ୍ ଖାଏ ? କିଏ କହିଲା ତମକୁ ?

—ହଉ, ଥାଉ, ଥାଉ — ମତେ ଠକାଇବାର ଚେଷ୍ଟା ବୃଥା । ସେଦିନ ପରା ସୁଧାଂଶୁ ବାବୁଙ୍କ ସଙ୍ଗେ ସିଗାରେଟ୍ ଖାଉଥିଲେ ।

—କିନ୍ତୁ ମୁଁ ପାନ ତ ଖାଏନା ।

—ସାଦାପାନ, ଖାଇବାକୁ ହେବ ।

—ତେବେ ଗୋଟିଏ ସର୍ତ୍ତରେ ଖାଇପାରେଁ ।

ସେ ହସି ହସି କହିଲେ, "ସର୍ତ୍ତଟା କଅଣ ଶୁଣେ ।"

—ଯଦି ତମେ ଖୁଆଇଦେଇ ପାର ।

—ନଥୀ ପଦଙ୍କ କଥା ଦେଇ 'ଦଢ଼ ସଙ୍କେତ ହୋଇ ପଡ଼ିଲ ।
"ହଁ, ଏତେ ଦୁଷ୍ଟ ।" କହି ହସି ପକାଇଲେ ସେ ।
ମନରେ ମୋର ଆଶା ଜାଗି ଉଠିଲା । ମୁଁ ଚାହିଁ ରହିଲି ତାଙ୍କର ମୁହଁ ଆଡକୁ ।

ସେ ଧୀରେ ଧୀରେ ହାତ ବଢ଼ାଇ ଆସିଲେ ମୋ ମୁହଁ ନିକଟକୁ ।

—ନିଜକୁ ସମ୍ଭାଳି ପାରିଲିନି —ହୃଦୟର ସମସ୍ତ ଆବେଗ ଦେଇ ତାଙ୍କୁ ଟାଣିନେଲି ଗୋଟିଏ ଝୁଲା ନିଜ ଉପରକୁ—ଅଙ୍କେ ଦେଲି ଚୁମ୍ବନର ଏକ ଦୀର୍ଘ ରେଖା —

ନରମ କଣ୍ଠରେ ଡାକିଲି—'ସ୍ନେହ' ।

ମୁହଁଟି ତାଙ୍କର ଛାତି ଉପରେ ମୋର ଲୁଚାଇ ରଖିଥିଲେ ସେ । ଧୀରେ ଠେଲିଲି—ଆଖି ବନ୍ଦ ଲଜ୍ଜାରେ । ପୁଣି ଅଙ୍କେ ଦେଲି—

'ସ୍ନେହ ।'

'ହୁଁ—ଦୁଷ୍ଟ ।' ଖୁବ୍ ଦରଦ କଣ୍ଠରେ ଉତ୍ତର ଦେଲେ ସେ ।

ଆମେ ଏମିତ କେତେ ସମୟ ଥିଲୁଁ କେଜାଣି, ଠାକୁର ଡାକରେ ସମ୍ଭାଳି ନେଲୁଁ । ଠାକୁର କହିଲା—ଜୀବନବାବୁ, ହଷ୍ଟେଲ ଯାଇନା !
ମୁଁ ଓ୍ୟାଚକୁ ଦେଖିଲି ନଅଟା ବାଜି ପଚିଶ ମିନଟ୍ ।
"ସ୍ନେହ, ମୁଁ ଯାଉଛି ।"
ବାରଣ୍ଡାରେ ମୁହଁମାଡି ପଡିଥିଲେ ସେ ।
କହିଲେ, "କାଲି ସନ୍ଧ୍ୟାରେ ଆସିବ ।"
'ଦେଖିବା—ନିଦ ଭାଙ୍ଗିଲେତ ।' ମୁଁ ହସି ହସି କହିଲି ।
"ମୋ ରାଣଟି—ଆସିବ ।"
————ଜୀବନରେ ପ୍ରଥମ 'ମୋ ରାଣ'ର ବନ୍ଧନ— ବୁକୁ ମୋର ଫୁଲି ଉଠିଲା ।

ମୁଁ ହଷ୍ଟେଲ ଫେରିଲି । ରୁମ୍‌ରେ ଆସର ଜମେଇ ଧରଣୀର ଗୋଟିଏ ସଭା । ବିଜୟ, ସନତ୍, ପାଖ ରୁମର ବ୍ରଜ, କଣିକାନ୍ତ ଓ ପ୍ରଭାକର

ବସିଛନ୍ତି । ଅତଏବ ତ୍ୟ ବହସ୍ୟ—କଲେଜ ତରୁଣୀମାନଙ୍କ ମଧ୍ୟରେ କିଏ ସୁନ୍ଦରୀ କିଏ ?

ଦଳେ ଶାରଦା ଦେବୀଙ୍କ ପକ୍ଷ ନେଇଛନ୍ତି—ଆଉ ଦଳେ ସନ୍ଧ୍ୟା ଦେବୀଙ୍କ ପକ୍ଷରେ ।

ବଳୟ କହିଲେ, "ଶାରଦା ଦେବୀ ତେଳେଙ୍ଗା ହେଲେ କଅଣ ହେବ; ସୁନ୍ଦରୀ ସେ । ଅନ୍ୟମାନଙ୍କ ପରି ସେମାନ୍ ହୋଇ କଲେଜ ଅସନ୍ତିନି । ପାଠ ବି ପଢ଼ନ୍ତି ସେମିତି ।"

ବ୍ରଜ ପ୍ରତିବାଦ କରି କହିଲା, "ପାଠ ପଢ଼ିବା ସଙ୍ଗରେ କିଛି ଯାଏ ଆସେନି । ତୁ ବୋଧହୁଏ ସନ୍ଧ୍ୟାଦେବୀଙ୍କୁ ଦେଖିନୁ । ନ ହେଲେ ଏମିତି କହନ୍ତୁ ନାହିଁ । କି ସୁନ୍ଦର cut —ଚମତ୍କାର ଆଖି !"

ବ୍ରଜ ପାଟିକରି ଉଠିଲା, "ସନ୍ଧ୍ୟାଦେବୀଙ୍କୁ ଦେଖିବୁ ଭଲ କରି । କି ଚମତ୍କାର ରଙ୍ଗ । ମୋର ମନେ ହୁଏ ତାଙ୍କ ନାମ 'ସନ୍ଧ୍ୟା' ପରିବର୍ତ୍ତେ 'ଉଷା' ରଖିଥିଲେ ଠିକ୍ artistic ହୋଇ ଥାଆନ୍ତା । ତା' ଛଡ଼ା, ହସଟି କି ଚମତ୍କାର । ସବୁବେଳେ ହସ ହସ- ବାଧୀର ଗୋଲ, ସତେ ଯେପରି ଗାଲରେ ପଦ୍ମ ଫୁଟେ । ଅହା ।"

ବ୍ରଜ ମୁହଁରୁ 'ଚମତ୍କାର' ଶବ୍ଦ ବାରମ୍ବାର ଶୁଣି ଆମେ ସମସ୍ତେ ହସି ଉଠିଲୁଁ ।

ମୁଁ କହିଲି, "କଲେଜ ଖୋଲିଲେ ସନ୍ଧ୍ୟାଦେବୀଙ୍କ ସଙ୍ଗେ ଆରମ୍ଭ କରିଦଅ ପ୍ରେମ—ଆଉ ଡେରି କାହିଁକି ?"

ସମସ୍ତଙ୍କ ଦୃଷ୍ଟି ମୋ ଆଡ଼େ ପଡ଼ିଲା । ବ୍ରଜ ମୋତେ ପଚାରିଲା, "ଅଚ୍ଛା ଜୀବନ; ତୋ ଆଖିରେ କିଏ ବେଶୀ ସୁନ୍ଦର ?"

ମୁଁ କହିଲି, "ଦୁଇଜଣ ଯାକ । ଶାରଦା ଦେବୀ ମୋ ଆଖିରେ ସୁନ୍ଦରୀ, କାରଣ ନାରୀତ୍ୱର ଗର୍ବ ତାଙ୍କ ନିକଟରେ ଅଛି ବୋଲି । ନାରୀର ଯାହାକିଛି କଳଙ୍କ—ଯାହାପାଇଁ ନାରୀ ଗର୍ବରେ ପୁରୁଷ ନିକଟରେ ଛିଡ଼ାହୋଇ ପାରେ—ଯେଉଁଥିପାଇଁ ନାରୀର ସୃଷ୍ଟି—ସେ ସବୁ ତାଙ୍କ

ନିକଟରେ ଏପରିକି ଅନ୍ୟ ଜଣକ ପାଇଁ । ଅନ୍ୟମାନଙ୍କ ପରି ଅଯାଚିତ ଭାବରେ ଅର୍ଥ ଲୋଭରେ—ଯୌବନର ଲାଳସାରେ—ଶତ ପୁରୁଷଙ୍କର କ୍ରୀଡ଼ାର ପୁତ୍ତଳିକା ହୋଇ ପାରି ନାହାନ୍ତି । ଏମିତିଆ ନାରୀ ନିକଟରେ ମଥା ସ୍ୱତଃ ନତ ହୁଏ । ଆଜି ସନ୍ଧ୍ୟାଦେବୀ — ସେ ବି ସୁନ୍ଦରୀ; କାରଣ ତାଙ୍କର ସୌନ୍ଦର୍ଯ୍ୟ ଅଛି । କିନ୍ତୁ ସେ ସୌନ୍ଦର୍ଯ୍ୟର ମୂଲ୍ୟ ନାହିଁ ।"

ବନ୍ଧୁ ପାଟିକରି ଉଠିଲା— There you are friend— There you are.

ଲାଇଟ୍ ଅଫ୍ ହୋଇ ଯାଇଥିଲା—ସମସ୍ତେ ଉଠି ଗଲେ ନିଜ ନିଜ ରୁମ୍ ଆଡ଼େ ।

ଦୁଇଦିନ ପରର କଥା—

ସକାଳେ ଉଠୁ ଉଠୁ ଆଠଟା ବାଜି ଯାଇଥିଲା । ବାହାରକୁ ଗୁହିଁ ଦେଖିଲି, ବହୁତ ପିଲା ଜମା ହୋଇଛନ୍ତି—ଦୁଇ ବୁଣ୍ଡ ରଙ୍ଗ ଛଅାରି ହେଉଛି । ମନେ ପଡ଼ିଗଲା—ଆଜି ଅଛି—ରଙ୍ଗଖେଳ । ଦୋଳ ପୂର୍ଣ୍ଣିମାର ରଙ୍ଗଖେଳ । ଅକାରଣରେ ଲକ୍ଷୀଣ୍ଡ ନଷ୍ଟ ହେବ ସିନା ! ଭାବିଲି—ଏଠାରୁ ଖସିଗଲେ ଚଙ୍ଗଳ । ଚଞ୍ଚଳ ହାତ ଦାନ୍ତ ସାରି ମୁଁ ବାହାରି ପଡ଼ିଲି ସୈନ୍ଧବଙ୍କ ଘର ଆଡ଼େ । ଠିକ ନିକଟରେ ପଞ୍ଚାଏ ପିଲା ଛିଡ଼ା ହୋଇଥିଲେ—ସମସ୍ତଙ୍କ ହାତରେ ରଙ୍ଗ ବୋତଲ ।

ମୁଁ ପାଟିକରି କହିଲି; "ହାମ୍ ଲୋକ୍ ମୁସଲମାନ ହାଏ—ରଙ୍ଗ୍ ମତ୍ ଡାଲୋ ।"

ବଡ଼ ବଡ଼ ଆଖି ଦେଖାଇ କହିଲି ମୁଁ ।

ହିନ୍ଦୁସ୍ଥାନୀ ଉଚଗଲେ—ମୁଁ ସହଜରେ ଖସିଲି ।

ସୈନ୍ଧବଙ୍କ ହା ମୁହଁରେ ପହଞ୍ଚି ଡରବରରେ ଡାକିଲି, 'ଠୁକୁ-ଠୁକୁ' । ଦୁଇଟା ମାରୁଆଡ଼ି ପିଲାଙ୍କ ଆଖି ପଡ଼ିଥିଲା ମୋ ଉପରେ; ହାତରେ ତାଙ୍କର ରଙ୍ଗ ବୋତଲ ।

ଠୁକୁ ଦୌଡ଼ିଆସି କବାଟ ଖୋଲିଦେଲା । ମୋର ଉତ୍କଣ୍ଠାର ଅବଶେଷ ସେ ବୁଝିପାରିଲା । ଘର ଭିତରକୁ ପଶିଗଲି ମୁଁ । ସାମନାରେ ଦେଖିଲି, ଦେବା ମୋର ହାତେ ଲମ୍ବର ଏକ ପିଚକାରୀ ଧରି ଠିଆ ହୋଇଛନ୍ତି । ଅନ୍ଧାରେ ତାଙ୍କର ଲୁଗା ଭିଜା—ପିଚକାରୀଟା ଠାଣି ଧରିଛନ୍ତି ଠିକ୍ ରାଇଫଲ୍ ଧରା ଗୁର୍ଖା ସୈନିକ ପରି ।

ରକ୍ତ ମୋର ଶୁଖିଗଲା । ଲୁଙ୍ଗି ଖଣ୍ଡିକ ବଦଳରେ ଖଣ୍ଡେ ପାଇଜାମା ଓ ଖଣ୍ଡେ ସାର୍ଟ ଯାଉଛି ।

'Hands up',—ହଠାତ୍ ଅର୍ଡ଼ର ଆସିଲା ।

ହାତ ଦୁଇଟା ଉପରକୁ ଟେକିଲି ।

'One step forward, I fire'—ହୁକୁମ ହେଲା ।

ମୁଁ ନିଶ୍ଚଳ ହୋଇ ଠିଆହେଲି । ଠୁକୁ ଓ ସ୍ନେହ ହସି ଉଠିଲେ ଜୋରରେ ।

ମୁଁ ଶେଷ ଥର କହିଲି, "ହିଃ ସ୍ନେହ ଅଜାଡ଼ି ଯେମିତି ଲୁଗା ପଟା ଫିଙ୍ଗି ନ—" ଆଉ ଅଧିକ କିଛି କହି ପାରିଲି ନା ।

କିନ୍ତୁ କମାଣ୍ଡରଙ୍କ ବନ୍ଧୁକ ମୋର ଛାତିକୁ ଲକ୍ଷ୍ୟ କରି ରହିଲା ।

ମୁଁ ଆଉ କିଛି ଉପାୟ ପାଇଲିନି; ପାଟିକରି ଉଠିଲି—"ମାଉସୀ ଆସିଲେଣି ।"

ସ୍ନେହ ଟିକେ ପଛକୁ ବୁଲିଦେଲେ । ଠିକ ଏହି ସମୟରେ ମୁଁ ଝାମ ଦେଲି ତାଙ୍କ ଉପରକୁ ⋯ ⋯ ହାତରୁ ମୋର ପିଚକାରୀଟା ଖସିଗଲା ।

'Hands up, please'—ମୁଁ ଆଦେଶ ଦେଲି ।

ଦୁଇଟି କଅଁଳ ହାତ ଉପରକୁ ଉଠିଲା ।

"One step forward I fire."

ପିଚକାରୀରୁ ଗଲା ଏକ ରଙ୍ଗର ଫୁଆରା—ପଡ଼ିଲା ତାଙ୍କର ଉନ୍ନତ ବକ୍ଷ ଉପରେ। ସେଥିରେ ଥିବା ଲୁଗାର ମୂଲ୍ୟ ଭାଳିଲିନି—ମୁଁ ଚାହିଁ ରହିଲି ସେମିତି ଅନ୍ତକୁ ଗୋଟାଏ ଅସହାୟ ଦୃଷ୍ଟିରେ।

ମୁହଁ ତାଙ୍କର ନାଲି ପଡ଼ିଗଲା ଲଜ୍ଜାର ପରଶରେ।

“ଛି, —କି ଅସଭ୍ୟ!” ସେ କହିଲେ।

“ପାଣିରେ ଘରକର କୁମ୍ଭୀରକୁ ଡରିବା ଚଳିବ, ନା?” ମୁଁ ହସି ହସି କହିଲି।

“ଛି—ଛି ଜ୍ଞାନ ଅଛି ନା ନାହିଁ! ମୁଁ କେମିତି ବୋଉ ଆଗରେ ବାହାରିବି କହିଲ? ସେ ଦେଖିଲେ କଅଣ ଭାବିବେ?” ଲାଜ ଆଉ ଅଭିମାନରେ କହିଲେ ସେ।

“ଭାବିବେ ଆଉ କଅଣ— ଦେଖିବେ କନ୍ୟାଙ୍କ ଗୁଣ।”

“ଦେଖୁଛି ଟିକ୍ କର” କହି ଘରକୁ ପଶି କବାଟ ବନ୍ଦ କଲେ।

କିଛି ସମୟ ପରେ ବାହାରିଲେ ଲୁଗାଟା ଓଲଟା ପିନ୍ଧି।

“ବାଃ—ତା’ ହେଲେ ବୁଦ୍ଧି ଅଛି!”—ହସି ହସି କହିଲି ମୁଁ।

“ନାହିଁ, ତମରି ପରି ସମସ୍ତେ! ଆଗ ପଛ କିଛି ନ ବୁଝିବା —।”

ତା’ପରେ ଆରମ୍ଭ ହେଲା ରଙ୍ଗ ଖେଳ। ସ୍ନେହ ଓ ଠୁକୁ ରଙ୍ଗରେ ବୁଡ଼େଇ ଦେଲେ ମତେ।

ବାରଟା ବାଜିଲା। ମୁଁ ହଷ୍ଟେଲ ଫେରିଲି। ଆସୁ ଆସୁ ରାସ୍ତାରେ ଘେରିଗଲେ ପଞ୍ଚାଏ ପିଲା—ବିଭିନ୍ନ ରଙ୍ଗରେ ରଙ୍ଗେଇ ଦେଲେ ମତେ। ହଷ୍ଟେଲରେ ଚଳିଆଇ ଜଣି ସାଙ୍ଗ, ବନ୍ଧୁ ପ୍ରଭୃତି ଘେରିଗଲେ—କଳା ବାଲା ଗ୍ରୀଜ୍ ଗୁଡ଼ାକ ମୋ ମୁହଁରେ ବୋଳି ଦେଲେ। ମୁଁ ଠିକ୍ ଆଇନାର ଭୂତ ଭଳି ଦେଖାଗଲି।

——————ବର୍ଷକର ହୋରିଖେଳ ଏମିତି କଟିଲା।

ଏଦିନ ସନ୍ଧ୍ୟାବେଳେ ସ୍ନେହଙ୍କ ଘରେ ବସି ତାଙ୍କ ପିଲାଙ୍କୁ ଗୋଟାଏ ଅଙ୍କ ବୁଝାଉଛି, ମାଉସୀ ଆସି କହିଲେ; "ବାବା, ସ୍ନେହ କହୁଥିଲା କଅଣ ଭଲ ଥିଏଟର ହେଉଛି । ତମେ ଟିକିଏ ନେଇଯିବ ଝିଅକୁ । ସେ କହୁଥାଆନ୍ତା; ତାକୁ ଲାଜ ମାଡ଼ୁଛି ବୋଲି ମତେ କହୁଛି— କହିବାକୁ ।"

"ହଉ ନେଇଯିବି ।"

ମାଉସୀ ଅନ୍ୟ ଘରକୁ ଚାଲିଗଲେ ଆମେ ପଢୁଥିବାର ଦେଖି ।

"ଥିଏଟର ଦେଖିବାର ଇଚ୍ଛାଥିଲା ତ ସ୍ନେହ — କହିଲନି ? ମାଉସୀଙ୍କ ହାତରେ କାହିଁକି କହାଯାଉଛି ? କଅଣ ଥିଏଟର ଅଛି ଯେ ?" — ମୁଁ ପଚାରିଲି ।

"ମୁକ୍ତି— ଦୁର୍ଗାବାବୁଙ୍କ ଥିଏଟରରେ ।"

"ସାତଟା ବେଳକୁ ଯିବାକୁ ପ୍ରସ୍ତୁତ ଥିବ" କହି ମୁଁ ହଷ୍ଟେଲ୍ ଆସିଲି ।

ଆମେ ସମସ୍ତେ ଚାଲିଲୁ ଖଣ୍ଡେ ବଗିରେ । ପଛ ସିଟ୍‌ରେ ସ୍ନେହ ଆଉ ମୁଁ— ଆଗରେ ମାଉସୀ ଓ ଝୁନୁ । ସ୍ନେହଙ୍କର ହାତ ଛନ୍ଦ ହୋଇଥିଲା ମୋ ହାତ ସଙ୍ଗେ । ଗୋଟାଏ ଅଜଣା ପୁଲକରେ ମନ ମୋର ନାଚି ଯାଉଥିଲା ।

ମତେ ଥିଏଟର ଦେଖିବାକୁ ଭଲ ଲାଗେନି । ଏବେ ତ ଉପଭୋଗ୍ୟ ନୁହେଁ—ପୁଣି ସମୟ ନଷ୍ଟ । ସନ୍ଧ୍ୟା ଆଠଟାଠାରୁ ରାତି ଦୁଇଟାକୁ ପର୍ଯ୍ୟନ୍ତ ବସିବା କେବଳ ବେକାରମାନଙ୍କ ପକ୍ଷରେ ସମ୍ଭବ । ଅବଶ୍ୟ ନାଟ୍ୟକାର ହିସାବରେ ଦୁର୍ଗାବାବୁଙ୍କ ନାମ ଅଛି ଉତ୍କଳରେ । ସେ ଜଣେ ଖ୍ୟାତାପୁବାଣ । ଝୁନୁ ସୁଧାଂଶୁ କହେ—ସେ ଭୟଙ୍କର ଅର୍ଥଲୋଭୀ; ଅର୍ଥ ପାଇଁ ନିଜକୁ ଭୁଲନ୍ତି ।

ସେ ଯାତ୍ରାହେଉ ଥିଏଟର ଘରେ ଭୟଙ୍କର ଲୋକଭିଡ଼ । ଆମେ ଟଙ୍କାକିଆ ସିଟ୍‌ର ପ୍ରଥମ ଧାଡ଼ିରେ ବସିଥାଉଁ । କେତେ କଲେଜ ଯୁବକଙ୍କ

ଝିଲମିଲ୍ ହସଟି ମୁକୁଳୁଥାଏ ସ୍ନେହଙ୍କ ଓଠରେ । ଖଣ୍ଡି କାଗଜ ମୋ ପାଖରେ ଥାଆନ୍ତି । ମନଟା ମୋର ଦବିଗଲା ଯେତେବେଳେ ସୁଧାଂଶୁଙ୍କୁ ମୁଁ ଦେଖିଲି ସେଇ ଦୃଶ୍ୟର ମଧ୍ୟରେ । ମୁଣ୍ଡରେ ରୁମାଲ ଭିଡ଼ି ବସିଛି—ଚନ୍ଦ୍ରିକା କୃଷ୍ଣ ।

ଅଭିନୟ ସମ୍ପର୍କ—

ସ୍ନେହ ପଚାରିଲେ, "କିପରି ଲାଗିଲା ?"

'ବେଶ୍' ସଂକ୍ଷେପରେ ଉତ୍ତର ଦେଲି ମୁଁ ।

"ଚମତ୍କାର ଲେଖା, କିନ୍ତୁ ଅଭିନୟ ସେତେ ସୁନ୍ଦର ହୋଇ ପାରିନି । ତା ଛଡ଼ା ଓଡ଼ିଶାରେ ଭଲ ଅଭିନେତା ନାହାନ୍ତି ।" ସ୍ନେହ କହିଲେ ।

"ଓଡ଼ିଆ ଘର ଝିଅ ତମେ; ତମ ମୁହଁରୁ ଏକଥା ଶୁଣିବା ମୋ ପକ୍ଷରେ କଳ୍ପନାର ବାହାରେ । ଓଡ଼ିଶା ଗରିବ ଦେଶ । ଥିଏଟର ଷ୍ଟେଜ୍ କରିବାପାଇଁ ଟଙ୍କା ନାହିଁ । ନ ହେଲେ ଦେଖନ୍ତ ଓଡ଼ିଆ ଅଭିନେତାଙ୍କର କଳା ।"

ଘରେ ପହଞ୍ଚିଲୁଁ । ମାଉସୀ ଝିଅକୁ ନେଇ ଘର ଭିତରକୁ ଗଲେ । ମୁଁ ଗାଡ଼ିବାଲାକୁ ପଇସା ଦେଇ କହିଲି, "ଯାଉଛି ।"

ସେ ପାହାଚ ତଳକୁ ଓହ୍ଲାଇ ଆସି ମୋ ପାଖରେ ଛିଡ଼ା ହେଲେ—

ରାଧାକୃଷ୍ଣଙ୍କ ଅମର ବନ୍ଧନକୁ କେନ୍ଦ୍ର କରି ଦୋଳ ପୁନିଅଁ ଚନ୍ଦ୍ର ଆକାଶରେ ହସି ଉଠୁଥାଏ । ରାସ୍ତାରେ ଆମେ ଦୁଇଜଣ—ନିସ୍ତବ୍ଧ ରାଜପଥ । ଦୂରରୁ ଉତ୍ସବର ନହବତ ପବନରେ ଭାସି ଆସୁଥାଏ ।

ମୁଁ ଚାହିଁଥାଏ ତାଙ୍କର ମୁହଁଟିକୁ ।

ଧୀରେ ପଚାରିଲି, "ଉପରେ କଅଣ ଦେଖୁଛ ?"

"ଚନ୍ଦ୍ର ।"

କିନ୍ତୁ ମୁଁ ଆଜି ଦୁଇଟି ଚନ୍ଦ୍ର ଦେଖୁଛି । ଆକାଶର ଚନ୍ଦ୍ରରେ କଳଙ୍କ ଅଛି; କିନ୍ତୁ ମୋ ଚନ୍ଦ୍ର ଯେ କଳଙ୍କଶୂନ୍ୟ ।" ଏତିକି କହି ତାଙ୍କର ଚିକ୍କଣ ଚିବୁକରୁ ଆସ୍ତେ ଚିପି ଦେଲି ।

ଲାଜରେ ମଥା ନତ କଲେ ସେ ।

"Alright, Good night" କହି ଫେରିଲି ମୁଁ ।

"ଶୁଣ ମ ... ପଛରୁ ସେ ଡାକିଲେ ।

"କଅଣ ?"

"କାଲି ଅସିବ ସକାଳୁ—ଏକାଠି ଖାଇବା ପିଇବା ... ଗପ—କିଛି ପଢ଼ାପଢ଼ି ହୋଇ ପାରିବ ।" ସେ କହିଲେ ।

"ତମେ ତ ଜମା ପଢ଼ନା—ସବୁବେଳେ ବାଜେ କଥା ଗପୁଛ ତମ ସଙ୍ଗରେ ପଢ଼ ମୋର ବ ପଢ଼ାପଢ଼ି କୁଆଡ଼େ ଗଲାଣି ।"

ସେ ହସି ହସି କହିଲେ, "ଆ-ହା, କି ଭଦ୍ରଲୋକ । ଯୋଉଠେ କିଏ ? ତମେ, ନା ମୁଁ ? ଯେଉଁ ଅଳିକ ପୁଣି ଏଥ ... ଛି, ଛି, କି ଅସଭ୍ୟ ।"

("ହଉ, ଅସିବି କାଲି । ରାତି ବହୁତ ହୋଇ ଗଲାଣି--ମୁଁ ଅସ ମୋ ସଙ୍ଗରେ ହଷ୍ଟେଲ ଯିବ—ରାତିଟା ରହି କାଲି ସକାଳୁ ..." ହସି ହସି କହିଲି ମୁଁ ।

"ଅସଭ୍ୟ" ଏତିକି କହି ଦେଇ ଘର ଭିତରକୁ ପଶିଗଲେ ।

ଦୋଳ ଛୁଟି ସରିଲା — କଲେଜ ଖୋଲିଲା ।

ବାର୍ଷିକ ପରୀକ୍ଷା ଥାଏ ଅଉ ମାସେ । ପଢ଼ା ପଢ଼ି ଜୋର ... ଚାଲିଲା ।

ସେ ଦିନ କଲେଜ ଲାଇବ୍ରେରୀରେ ବସି ମନୋଜ୍ଞ ରଞ୍ଜନଙ୍କ ... ପଢ଼ୁଛି—ସୁଧାଂଶୁ ଅସିଲା English Seminar ରୁ ।

ପାଖରେ ବସିପଡ଼ି ମୋ ପଢ଼ିବା ପ୍ରତି ଲକ୍ଷ୍ୟ ନ ରଖି ସେ ପଚାରିଲେ, "ଡା଼ଃ ପଢ଼ାପଢ଼ି କିପରି କରୁଛୁ ପରୀକ୍ଷା ପାଇଁ ?"

'ଏକ ରକମ—ତେବେ ବର୍ତ୍ତମାନ୍‌ରେ ଅନେକ ପଛରେ ପଡ଼ିଛୁ ।"

"ଛୁଟିରେ ପଣ୍ଡ କଟକରେ ଥିଲୁ ?"

'ହଁ'

"ପଢ଼ା ପଢ଼ି କରଥିବୁ ନିଶ୍ଚୟ ।"

'ନାଁ—ସେମିତି କିଛି ପଢ଼ିପାରିନି ।" ମୁଁ ଉତ୍ତର ଦେଲି ।

"ମୁଁ ଦିନେ ତୋତେ ପ୍ରଦେଶରରେ ଦେଖିଥିଲି —ସ୍ନେହଲତାଙ୍କ ସଙ୍ଗେ ।"

"ହଁ, ଯାଇଥିଲି" ଉତ୍ତର ଦେଲି ମୁଁ ।

"ଜୀବନ, ବାର ବାର କହିଲେ ବି କଥାଟା ବୁଝୁନୁ ତୁ । ସେମାନଙ୍କ ସଙ୍ଗରେ ଏମିତିଆ ସମ୍ପର୍କ ରଖିବା ମତେ ଭଲ ଲାଗେନି । ଏମିତି ତୋର କିତେ ଭଲ ପିଲା ପାଠ ଛାଡ଼ିଛନ୍ତି । ସେ ଦିନ ପଣ୍ଡ ମିସ୍ ସୀତା ... ସନ୍ତାନଙ୍କ କଥା କହୁଥିଲି ! ଆଉ ଯଦି ବାପାଙ୍କର ନାଆଁ ପଢ଼ାଇ ... ପାଇଥିରେ ତୋର ବାକିବାର ଇଛା ଥାଏ ତେବେ ଏ ସବୁ କରିବାରେ ମୋର ଆପତ୍ତି ନାହିଁ ।"

ମୁଁ ଏ ସବୁ ଶୁଣି ନୀରବ ରହିଲି ।

ଟିକିଏ ରହିଯାଇ ପୁଣି କହିଲେ, "ବାପ ମାଆଙ୍କର ଗୋଟିଏ ପୁଅ ... । ବାପାଙ୍କର ଇଚ୍ଛା, ପୁଅଟି ଯୋଗ୍ୟ ହେବ—ନାଁ ରଖିବ । କିନ୍ତୁ ତୁ ... ଠିକ୍ ଓଲଟା । କଲେଜ ଗାର୍ଲଙ୍କ ସମ୍ପର୍କ ଅସୁନ୍ଦର । ... ସରମ ତାଙ୍କ ହାତ ମୁଠାରେ । ମଟର ଗାଡ଼ି ସ୍ପେୟାର୍ଟ— ... ଅଞ୍ଜ—ଗାଡ଼ି ଚାଲିଛି । ପେଟ୍ରୋଲ ସରିଲା—ଗାଡ଼ି ... । ମୁଁ ଜାଣେ, ତୁ ତାଙ୍କୁ ଏଇ ଦରକାରୀ ପେଟ୍ରୋଲ ଯୋଗାଇ

ମୁଁ ଏ ସବୁ କଥା-କାନକୁ ନଏନ—ଲାଭ ନ ଥାଏ ବୋଲି—
——ଏମିତି ଦିନ କଟି ଚାଲେ ।

ରବିବାର—ସନ୍ଧ୍ୟା ଥାଏ ଆଜି ଚାରିଦିନ ।

ସେ ମୁଣ୍ଡଙ୍କର ଖଟଣା ଉପରେ ଶୋଇ ମୁଁ ପଢୁଥାଏଁ ସେ ଦିନର କାଗଜଟା । •

ସେ ମୋ ମୁଣ୍ଡପାଖରେ ବସି ମୋ ମୁଣ୍ଡବାଳ ମଧ୍ୟରେ ଅଙ୍ଗୁଳି ଚଳାଉଥାଆନ୍ତି ।

ମୁଁ ଖିଆଲ• ହୋଇ ଡାକିଲି—'ହେ—'

'ଉଁ'—

"କାହିଁକି କାନ୍ଦିଲ ?"

'କଅଣ କହୁଛ ?' ପଚାରିଲେ ସେ ।

ଖଟଣାକୁ ଚାହିଁ କହିଲି— "Oh ! I am sorry—ଏଇଟା ଭଣକଅ ..... !"

ସେ ମନ୍ଦୁଦିନ ପରେ କହିଲେ – "ଅ-ସ-ଭ୍ୟ !"

ମୁଁ ହସି ଉଠିଲି ।

ଟିକିଏ ପରେ ସେ ଆରମ୍ଭ କଲେ—"ଶୁଣୁଚ ?"

"ହୁଁ— କୁହ ।"

"ଛୁଟିରେ କଅଣ କରିବ ?"

"ମୋଟା କମ୍ବଳ ଧରି ଥାର୍ଡ କ୍ଲାସ୍ ଟିକେଟ୍ କାଟି ବୃନ୍ଦାବନ ଯିବ ବାବାଙ୍କ ପାଖ ।"

"ଯାଉନା—କିଏ କଅଣ ତମକୁ ଅଟକାଇ ରଖିଛି, ନାଁ କଣ ? କହମ—କଅଣ କରିବ ।"

"ତମ ପ୍ରୋଗ୍ରାମ୍‌ଟା ଆଗେ ଶୁଣିସାରେଁ"—କହିଲି ମୁଁ ।

"ଆମେ କୋଧହୁଏ ପନ୍ଦରଦିନ ପାଇଁ ଘରକୁ ଯିବୁଁ ଭାଉଜଙ୍କୁ ଏଇଠି ରହିବୁଁ ।"

"ମୁଁ ମୋ ଘରକୁ ଯିବ ।"

"ଆମ ଘରକୁ ଟିକେ ବୁଲିଯିବ—ଏଇ ସପ୍ତାହ ଶେଷ ପାଇଁ ? ବୋଧେ ସେ ଦିନ କହୁଥିଲି ତମକୁ କହିବ ବୋଲି—ଭୁଲିଯାଉଛି ବୋଧହୁଏ । ଯିବ ?"

"ତମେ ଆମ ଘରକୁ ଯିବ ?" ପ୍ରଶ୍ନର ଉତ୍ତର ନଦେଇ ପଚାରିଲି ।

"କେଲେ ଯିବନାହିଁ କାହିଁକି ?"

"କିନ୍ତୁ ସାତ ଦିନରୁ ବେଶୀ ରହିବାକୁ ପଡ଼ିବ ।"

"କେତେଦିନ—?" ହସି ହସି ପଚାରିଲେ ସେ ।

"ମୋ ନିଜ ପାଇଁ କହୁନାହିଁ ଯେ; ମୁଁ କହୁଛି ମୋ ସାନ ଭଉଣୀ ପାଇଁ । ଗଲା ଥରେ ଲେଖିଥିଲା—ତା'ର ଗୋଟାଏ ଭାଉଜବୋଉ ଦରକାର ଖୁବ୍ ଚାହିଁଲା । ସମ୍ଭବତଃ ସେ ତମକୁ ଚିହ୍ନି ପାରେ । ନ ହେଲେ ମୋର ବିଶେଷ କିଛି ଦରକାର ନ ଥିଲା ।"

ସେ ହସି ହସି କହିଲେ, "ସବୁବେଳେ ସେଇ କଥା ତମର । ମୋ କଥାର ଉତ୍ତର ଦେଲ ନି ?"

ମୁଁ ନୀରବ ରହିଲି ।

ମଟେ ଜୋରରେ ହସିଦେଇ ସେ କହିଲେ "ହେ, ଶୋଇ ପଡ଼ିଲ—ନାଁ କଣ ମ ? ମୋ ଭଉଣୀ—ତମକୁ ଯିବାକୁ ହେବ ।"

"ହଉ—ଯିବ ।" ମୁଁ ଜବାବ ଦେଲି ।

"ତା' ହେଲେ ପରୀକ୍ଷା ସରୁଛି ଅଠର ତାରିଖ ଦିନ । ଆମେ ଯିବା କୋଡ଼ିଏ ତାରିଖରେ ନିଶ୍ଚୟ ।"

ପରୀକ୍ଷା ଶେଷ ହେଲା । ପରୀକ୍ଷାରେ ଭଲ କରୁଥାଉଁ । ମୁଁ ସ୍ନେହଙ୍କ ପଢ଼ା ଘରେ ବସିଛି—ମାଉସୀ ଆସି କହିଲେ, "ବନ, ସ୍ନେହ ଲଗେଇଛି ତମକୁ ଟିକେ ନେଇ ଗାଁରେ ଛାଡ଼ିଦେଇ ଆସିବ । ଆମ ଗାଁଟା ମଧ୍ୟ ବୁଲି ଆସିବ । ଭଲ ଲାଗିବ ଯେ—ଏଇ ଖରାଦିନେ ।"

ମୁଁ କହିଲି, "ପୂଜା ଛୁଟିରୁ ଘରୁ ଆସି ମୁଁ ଆଉ ଯାଇନି ଘରକୁ । ଆଜି ମିନୁର ଘନ ଘନ ତାଗିଦା ଆସୁଛି ଘରକୁ ଯିବା ପାଇଁ ।"

"ହଉ, ଏବେ ଦିନ ତ ଗଲାଣି; ଅଉ ବା କେତେଟା ଦିନ ? ଆଉ ... ଟାରେ ଛାଡ଼ିଦେଇ ଗୁଲି ଆସିବ ।"

ମୁଁ କହିଲି, "ହଉ ।"

ମାଉସୀ ଉଠି ... କଲେ, "ରଘୁକୁ କହେଁ—କଲଣିଆ କରୁ ।"

ସ୍ନେହ ମୋ ପଛରେ ଠିଆ ହୋଇ ମୋର ଗୋଟିଏ ରୁମାଲ ... ଫୁଲ ପକାଉଥିଲେ ।

କହିଲି, "ମାଉସୀଙ୍କ ଆଗରେ ଅପଉ ହୋଇଥିଲ, ନାଁ ?"

ସେ ହସି ହସି କହିଲେ, "ନାଁ, ମୁଁ କାହିଁକି କହିବି ? ବୋଉ ସେମିତି କହୁଥିଲା ନାଁ ।"

ମୁଁ ଉଠି ଠିଆ ହେଲି ।

—ଠିଆ ହେଲ ଯେ ?

—ଯିବି ।

—ତା ତ କହୁଛ । ପଢ଼ା ପଢ଼ି ତ ନାହିଁ—କଅଣ କରିବ ଯାଇ ?

— ଟାଉନ ଆଡ଼େ ଯିବି । ଅନେକ କିଣା କିଣି କରିବାର ଅଛି ।

"ମୋ ପାଇଁ କଅଣ ଆଣିବ ?" ସେ ହସି ହସି ପଚାରିଲେ ।

—ଯାହା କହିବ ।

"ଭଲ କନକ ଯାହା ପାଇବ ଆଣିବ" ସେ ହସି ହସି କହିଲେ ।

'ହଉ' କହି ଗୁଲିଲି ମୁଁ ।

ପାଚିଟା ଟାଣି ଧରି କହିଲେ, "ରହ ମ—ରଘୁ କଲଣିଆ କରୁଛି ବେଶୀ ଡେରି ହବନି—କଲଣିଆ ଟିକିଏ ଖାଇଦେଇ ଯିବ ।"

ମୁଁ ବସି ପଡ଼ି କହିଲି, "ହଉ—ଘରକୁ ତ ଯାଉଛି । କେତେବେଳେ ଖାଇବ ଦେଖାଯିବ ଯେ ।"

ତୋଡ଼ଏ ତାରିଖ ସକାଳ ଟ୍ରେନରେ ଆମେ ବାହାରିଲୁ । ... ସେଇ ଇଣ୍ଟର କ୍ଲାସ କମ୍ପାର୍ଟମେଣ୍ଟରେ ଆମେ ଉଠିଲୁଁ । କମ୍ପାର୍ଟମେଣ୍ଟରେ

"ଳ . ଦୁଇଜଣ ବୟସ୍କ ମାନ୍ୟଅଳ୍ପ—ବ୍ୟବସାୟଗତ କଥାବାର୍ତ୍ତାରେ "ଣ୍ୟେମାନେ ବ୍ୟସ୍ତ । ସ୍ନେହ ସେ ଦିନର ଖବରକାଗଜ ପଢ଼ି ବସିଲେ । ମୋ ମନରେ ଅଳସଭାବ ସମ୍ପୂର୍ଣ୍ଣ କଟି ନ ଥାଏ । ମୁଁ ଶୋଇ ପଡ଼ିଲି ।

ଭୁବନେଶ୍ୱର ଷ୍ଟେସନରେ ଗାଡ଼ି ରହିଲାମାତ୍ରକେ ସ୍ନେହ ମତେ ଉଠାଇଦେଲେ । ଷ୍ଟେସନରେ ବୃଦ୍ଧ ଗୁମାସ୍ତା ରାମବାବୁ ଅପେକ୍ଷା ...ରିଥିଲେ । ଆମେ ସମସ୍ତେ ଗାଡ଼ିରୁ ଓହ୍ଲାଇଲୁ ।

ରାମବାବୁ ମାଉସୀଙ୍କୁ ନମସ୍କାର କରି ଝୁନୁକୁ କୋଳକୁ ନେଲେ ।

ଷ୍ଟେସନଠାରୁ ଆମ ଗାଆଁ ଗୋଟିମାଇଲ ବାଟ—ବଳଦ ଗାଡ଼ିରେ ଯିବାକୁ ହେବ । ମାଉସୀ, ସ୍ନେହ ଓ ଝୁନୁ ଗାଡ଼ିରେ ବସିଲେ ।

ମୁଁ କହିଲି, "ମାଉସୀ, ମୁଁ ବେଶ୍ ଚାଲିଯାଇ ପାରିବ । ଗାଡ଼ିରେ ବସିଲେ ମତେ ଖରାପ ଲାଗିବ ।"

ରାମବାବୁ ଓ ମୁଁ ଚାଲିଲୁଁ ଗାଡ଼ି ଆଗରେ । ରାମବାବୁଙ୍କ ସଙ୍ଗେ କଥାବାର୍ତ୍ତା ଚାଲିଲା । ଅଳ୍ପ ସମୟ ମଧ୍ୟରେ ସେ ମତେ ଅତି ଆପଣାର କରି ପକାଇଲେ । ଗର୍ବରେ କହିଲେ ଅନେକ କଥା—ସ୍ନେହଙ୍କ ବାପା ନରଞ୍ଜନବାବୁ ମୃତ୍ୟୁ ସମୟରେ କିପରି ରାମ ବାବୁଙ୍କ ଉପରେ ସମସ୍ତ ଭାର ଦେଇ ଯାଇଥିଲେ । ତାଙ୍କ କଥାରୁ ବୁଝିଲି—ଏମାନଙ୍କର ନିଜର ବୋଲି କେହି ନାହାନ୍ତି—ରାମବାବୁ ବିଶ୍ୱାସୀ ଲୋକ—ତାଙ୍କ ଉପରେ ଜମିଦାରୀର ସମସ୍ତ ଭାର ନ୍ୟସ୍ତ ।

କଥାବାର୍ତ୍ତା ହେଉ ହେଉ ଆମେ ଘରେ ପହଞ୍ଚିଲୁଁ । ଗାଁରୁ ...ମସ୍ତା ନାରୀଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ଆସିଲେ ଦେଖିବାକୁ ।

... ମତେ ଦେଖି ଜଣେ ବୁଢ଼ୀ ପଚାରିଲେ, "ଏ ପୁଅଟି କିଏ ମ ?"

"ସ୍ନେହ ସଙ୍ଗରେ ପଢ଼େ" ମାଉସୀ ଉତ୍ତର ଦେଲେ ।

...ଢ଼ା ନାରୀଟି ମୋ ଆଡ଼େ ଅଳ୍ପ ଥରେ ଚାହିଁ ମୁହଁ ଅନ୍ଧାର କଲେ ।

ଘିଚରି ବେଶ ସୁନ୍ଦର । ଅଧୁନିକ ଧରଣର ଡୋମକ୍ଲ ... ।
ଆଗରେ ସୁନ୍ଦର ... । ଅଗରୁ ଚଟି ପାଇ ଘକୁ ବେଶ ... ପରିଚ୍ଛନ୍ନ କରି ... ।

ଅଡ଼େ ରହୁଥିଲୁଁ ଉପର ମହଲ୍ଲରେ ।

ଗୁଡ଼ାଏ ବେଳେ ସ୍ନେହ ଆଉ ମୁଁ ବୁଲିଯାଉଁ ଗାଁ ଦାଣ୍ଡକୁ । ଅଶିକ୍ଷିତ ଗାଁ ଲୋକାଙ୍କର 'ଲେକ୍ଚର-ଅର୍ଥ' ମଜ୍ଜେ ମେନ୍ନଙ୍କ ଉଠେଇ ... ଠାର ଗଲେ—ମୁଁ ସ୍ନେହଙ୍କୁ କହେ—ଅମେ ହାଁ ।

ସେ ଦିନ ଅମେ ବସି ରହିଛୁଁ ଝରକା ଅକର୍ମଣୀଳା ... ସାମନାରେ ବସ୍ତିର୍ଣ୍ଣ ପ୍ରାନ୍ତର । ଗୋପାଲ ବାଳକଙ୍କର ଗୋଠ ... ବଂଶୀଧ୍ୱନୀ ଭସି ଅସୁଥାଏ ପବନରେ···

ତାଙ୍କର କୃଷ୍ଣକୁନ୍ତଳ ଉପରେ ଧୀରେ ଧୀରେ ହାତ ବୁଲାଉଥିଲି ମୁଁ ।

"ଚୁପ୍ ରହିଲ ଯେ ?" ସେ କହିଲେ ।

"କଅଣ କହିବ ?"

"ଗୋଟାଏ ସିନେମା ଗପ ।"

"କ ସିନେମା ଗପ କହିବ ? କେଦାରଗୌରୀଙ୍କ ଲୀଳାକ୍ଷେତ୍ର ଏ ଭୁବନେଶ୍ୱର—ଯାହାର ପତ୍ର ଧୂଳିକଣା ପ୍ରେମର ଅମର ଗୀତିରେ ଝଙ୍କାର ତୋଳେ ସେ ପ୍ରୀତି ମଧୁ ଭୂମିରେ କ ସିନେମା ... କହିବ ?"

"ଯାହା କିଛି ମନକୁ ଆସୁଛି କୁହ——।" ସେ ଅନୁନୟ ସ୍ୱରରେ କହିଲେ ।

ମୁଁ ଆରମ୍ଭ କଲି ଗଲା ସଫାକର — ଦୁନିଆର ଚୂଡ଼ାନ୍ତ ... ସେ ଦୁଇଜଣ । ଜଣେ ଉଦ୍‌ଭ୍ରାନ୍ତ ଯୁବକ—ଅଉ ଜଣେ ତାଆର ପ୍ରିୟା । ଜଣକ ନାଁ ଜୀବନ—ଅଉ ଜଣକ ···।

କଥା ପଦକ ଶେଷ କରିବା ପୂର୍ବରୁ ସେ ମୋ ମୁହଁ ଚାପି ଧରିଲେ ।
ମୁଁ ତାଙ୍କୁ କୋଳକୁ ଅଣିଲି ... ।

ସନ୍ଧ୍ୟା ବେଳଟା କଟିଲା ଗପରେ ।

ଖାଇବାକୁ ଶୋଇବାକୁ ଆସିଲି । କିନ୍ତୁ ଦେଖିଲି—କ୍ଷଣକରେ ହୋଇ ଯାଇ ଦେଖୁ ଭାବିବାରେ ଲାଗିଲି । ପାଖ ଘରେ ଶୋଇଛନ୍ତି ସ୍ନେହ—ଦେବୀ ମୋର—ଯାହାଙ୍କ ଭାବନାରେ ରାତି ରାତି ଅନିଦ୍ରାରେ କଟାଇଛି ମୁଁ—ଯାହାଙ୍କର କିଛି ମାତ୍ର ଅଙ୍ଗ ସ୍ପର୍ଶ ପାଇଁ ମୁଁ ପାଗଳ ହୋଇ ପଡ଼ିଛି ॥

ବାପା ମୋର ବାହାଘର ନେଇ ବ୍ୟସ୍ତ । ଯଦି ସ୍ନେହଲତା ଘର ଉଦ୍ଧାର କରନ୍ତେ, ତେବେ ସୁଖୀ ନ ହୁଅନ୍ତି ମୁଁ ।

ମନରେ ମୋର ଉତ୍ତେଜନା ଆସିଲା—ତଡ଼ ଦେହ ଉନ୍ମାଦଗ୍ରସ୍ତ ହେଲା ।

ରାତି ମୁଁ ଖଟରୁ ଓହ୍ଲାଇ ବାହାରକୁ ଆସିଲି । ମିଳିଲା ଜହ୍ନ ଆଲୁଅ ପଡ଼ିଥିଲା । ଦେଖିଲି—ସ୍ନେହ ଠିଆ ହୋଇଛନ୍ତି ପାଖ ଘରେ ଅଭାକ ।

ଚୋରଭଳି ଚପି ଚପି ଯାଇ ତାଙ୍କ ପଛରେ ଠିଆ ହେଲି ।

"ଶୋଇନା ...—ମୁଁ ପଚାରିଲି ।

ସେ ଅନ୍ୟମନସ୍କ ହୋଇ ଦୃଷ୍ଟି ରହିଥିଲେ—ମୋ କଥାପଦକରେ ଚମକି ଉଠିଲେ ।

"ନିଦ ଲାଗୁନି"—ସେ କହିଲେ ।

ଆମେ ଦୁଇଜଣ ସେମିତି ଠିଆ ହୋଇ ରହିଲୁଁ । ଖଣ୍ଡ ଖଣ୍ଡ ବାଦଲ ଭାସି ଯାଉଥିଲା ଚନ୍ଦ୍ର ଉପର ଦେଇ ଆଲୋକ-ଅନ୍ଧାରର ସୃଷ୍ଟି କରି । ମୁଁ ଧୀରେ ହାତଟି ନେଇ ତାଙ୍କର ବାହୁ ଉପରେ ରଖିଲି—ଟେଇପୁଷ୍ପର ଦୁର୍ବଳ ଲତାକୁମାରୀ ପରି ସେ ଲୋଟି ପଡ଼ିଲେ ମୋର ଉପରେ—ମନଟା ମୋ କଥା ଜଳି ଉଠିଲା—ସ୍ତ୍ରୀ ଧ୍ୟାଂଶୁର ସତର୍କବାଣୀ କେଉଁ ଅନ୍ଧକାର ତଳେ ସମାଧି ନେଲା—ବାସନା ତାଙ୍କର ସାରା ଦେହପାଇଁ ଖୋଲି ପଡ଼ିଲା—ଦୁଇଟି ତୃଷାତୁର ପ୍ରାଣ ଏକ ଛନ୍ଦରେ ବାନ୍ଧି ଉଠିଲା ।

ପରଦିନ ସକାଳୁ ଉଠିଲି ଡେରିରେ । ଦେଖିଲି—ଦେବୀ ମୋର ... ଘରୁ ... ପଛରେ ଯାଉଛନ୍ତି । ବାହାରକୁ ଆସିଲି । ତାଙ୍କ ସଙ୍ଗେ ... କିନ୍ତୁ ଲାଜରେ ମୋ ମୁହଁକୁ ଦୃଷ୍ଟି ପାରିଲେନି ସେ ।

ଗୁରିବାବେଳେ ସୁଟକେଶ୍‌ଟା ଖୋଲି କ୍ୟାମେରାଟା କାଢ଼ିଲି । ସେନ୍ହ ଏସି ହୋଇ କହିଲେ, "ବାଃ, କ୍ୟାମେରାଟା ଆଣିଚ । ଫିଲ୍ମ କେତେ ଅଛି ?"

"ଦୁଇଟା ରୋଲ୍ ।" ମୁଁ କହିଲି ।

ଘୋଡ଼ାଏ ଫିଲ୍ମ ଲୋଡ଼ କରି ତାଙ୍କର ଗୁଡ଼ାଏ ଫଟୋ ନେଲି । ଶେଷ ଫଟୋ ଦୁଇଟା ନେବାରେ ବହୁତ ଖୋସାମଦ୍ କରିବାକୁ ପଡ଼ିଥିଲା ଓ ବାରମ୍ବାର 'ଅସଭ୍ୟ' ଶବ୍ଦ ଶୁଣିବାକୁ ପଡ଼ିଥିଲା ।

ଶାଢ଼ୀଟା ସଜାଡ଼ି ପିନ୍ଧୁ ପିନ୍ଧୁ ସେ କହିଲେ—ମୁଁ ତମର ଗୋଟାଏ ଫଟୋ ନେବି ।

ସେନ୍ହଙ୍କର ବାହୁବନ୍ଧନ ଛାଡ଼ି ଆସି ପାରୁ ନଥାଏ ମୁଁ । ସବୁବେଳେ ଯିବାକୁ ଚାହାଁରେ, କିନ୍ତୁ ସେନ୍ହଙ୍କର ଛଳ ଛଳ ଆଖି ଆଗରେ ବାଧ ହୋଇ ରହେ ।

ସେଦିନ ମାଉସୀଙ୍କ ସଙ୍ଗେ ଜଣେ ବୟସ୍କା ସ୍ତ୍ରୀ କଥାବାର୍ତ୍ତା ହେଉଥାଆନ୍ତି । ଆମେ ଟିକେ ଦୂରରେ ବସି କ୍ୟାରେମ୍ ଖେଳୁଥାଉଁ । ମତେ ଲକ୍ଷ୍ୟକରି ବୟସ୍କା ନାରୀଟି ପଚାରିଲେ —ଏ ପୁଅଟି କଅଣ କରଣ ପିଲା ?

'ହଁ'—ମାଉସୀ କହିଲେ ।

"ତମ ସେନ୍ହ ପାଇଁ କରୁନା । ବେଶ୍ ସୁନ୍ଦର ହୁଅନ୍ତା—ହାଇଁ ଭଉଣୀ ଯଦି ମାନନ୍ତେ !"

ମାଉସୀ ଆମ ଦୁହିଁଙ୍କ ଆଡ଼କୁ ଟିକିଏ ଗୁହିଁଲେ । ତା ପରେ ଦୀର୍ଘ ନିଶ୍ୱାସ ଟାଣି କହିଲେ, "ବଡ଼ ଲୋକର ପିଲା ସେ । ମୋ ... ... କାହିଁ ?"

ମନଟା ମୋର ଖୁସିରେ ନାଚି ଉଠିଲା । ଯଦି ବାପାଙ୍କ ... ହାଁ ମନେଇ ନେଇପାରେଁ, ତେବେ—।

ଦାଦାବାବୁ ଆସି ଡାକିଲେ ଖମାରଘର ଦେଖି ଯିବା ପାଇଁ । ଦାଦାବାବୁଙ୍କ ସଙ୍ଗେ ଚାଲିଲି । ଗାଁ ଭିତର ଦେଇ ଆମେ ଯାଉଥାଉଁ । ଗାଁର ଲମ୍ବା—ପଥରେ ଘର ଗୁଡ଼ିକ—କାଳୁ ଗୁଳ ଛପର । କେତେଗୁଡ଼ିଏ ଲୋକ ବନ୍ଧୁଲୋକ ମୋ ସଙ୍ଗରେ କଥାବାର୍ତ୍ତା ହେଲେ—ଦେଶ ବିଦେଶର ଖବର ଶୁଣିଲେ । ଖମାରଘର ଦେଖି ଫେରିଲୁଁ ଆମେ ।

ସେଦିନ ମାଉସୀଙ୍କୁ କହିଲି—ବୋଉ ବଡ଼ ବ୍ୟସ୍ତ ହୋଇଥିବେଣି । ମୋର ଯିବା ନିହାତି ଦରକାର ।

ମାଉସୀ କହିଲେ—ସ୍ନେହକୁ ପଚାର ।

ସ୍ନେହ କହିଲେ—ନାଁ, କାଲି ଯାଇ ପାରିବନି ।

ମୁଁ ଅନେକ ଅନୁନୟ କରିବାରୁ ଅନୁମତି ମିଳିଲା ଯିବାକୁ ।

ଚିଠି ଦେବୁ ?—ପଚାରିଲେ ସେ ।

ଉତ୍ତର ମିଳିବ ?—ପଚାରିଲି ମୁଁ ।

"ହଁ— କାହିଁକି ନମିଳିବ ।"

"ତେବେ ଚିଠି ଦେବ ।"

ପରଦିନ ସକାଳୁ ମଟର ଉଠାଇ ଦେଇ ସେ ଚାଲିଗଲେ । ମୁଁ ଚଢ଼ିଲି ପ୍ରସ୍ତୁତ ହୋଇ ବସିଲି ।

ମୋର ଜିନିଷପତ୍ର ସଜାଡ଼ୁ ସଜାଡ଼ୁ ସ୍ନେହ ପଚାରିଲେ—ସେ ଫଟୋ ଗୁଡ଼ାକ କେଉଁଠି ପ୍ରିଣ୍ଟ କରିବ ?

"ଫେରାଇଲେ କହିବି । ଏମିତିଆ ଫଟୋ କେତେ କେତେ ଫଟୋ ଦୋକାନରେ ପ୍ରିଣ୍ଟ କରେ ?"

ଯିବାରେ ସମୟ ହେଲା । ମାଉସୀଙ୍କୁ ନମସ୍କାର କରି ଚାଲିଲି । ସ୍ନେହ ପଛେ ପଛେ ଆସିଲେ । ଧୀରେ କହିଲେ, "ଚିଠି ଦେବ—ଭୁଲିବନି ।"

ଆଖି ଦୁଇଟା ତାଙ୍କର ଲୁହ ଭରା । ମୁଁ ଆଖିରେ ଉତ୍ତର ଦେଲି ।

ମୋ ଜିନିଷପତ୍ର ନେଇ ଆଗରେ ଚାଲିଲା । ମୁଁ ଚାଲିଲି ଦାଦାବାବୁଙ୍କ ସଙ୍ଗରେ ମୋର ଗୋଡ଼ ପଡ଼ୁନଥାଏ । ସ୍ନେହଙ୍କର ସ୍ନେହବନ୍ଧନ—

ଛଳଛଳ ଆଖି ମତେ ପଚ୍ଛରୁ ଚାହିଁଥାଏ । ରମବାବୁ ଓ ମୁଁ ଅନେକ କଥାବାର୍ତ୍ତା କରୁ କରୁ ଷ୍ଟେସନରେ ପହଞ୍ଚିଲୁ । ଗାଡ଼ି ଆସିବାକୁ ଅଧଘଣ୍ଟା ଡେରିଥାଏ । କହିଲି, "ରମବାବୁ, ଗାଡ଼ି ଆସିବାକୁ ଅଧଘଣ୍ଟାଏ ଡେରି ଅଛି ଖାଲି ମାଡ଼ିଅଛି—ଆପଣ ଚାଲିଯାଆନ୍ତୁ । ମୋର ଏଥି କି ଅସୁବିଧା ହେବନି ।"

ମୁଁ ବାରମ୍ବାର ଅନୁରୋଧ କରିବାରୁ ସେ ଫେରିଲେ । ଗାଡ଼ି ଆସି ... ଭିଡ଼ ସେତେ ନଥିଲା । ମୁଁ ଜିନିଷ ପତ୍ର କୁଲି ହାତରେ ଉଠାଇ ... ଇଣ୍ଟରକ୍ଲାସ୍ ଡବା ଭିତରେ ପଶିଲି । ମନଟା ଭୁଲେଇବା ପାଇଁ ... ବର୍କଙ୍କର 'Hunger' ବହିଟା ସୁଟ୍‌କେଶରୁ କାଢ଼ି ପଢ଼ିବାକୁ ଆରମ୍ଭ କଲି

ଗାଡ଼ି ଯାଜପୁରରେ ପହଞ୍ଚିଲା ଦିନ ଚାରିଟାବେଳେ । ବାସ୍‌ରେ ... ଘରେ ପହଞ୍ଚିଲି ।

କଲୈକ ପତ୍ର ଅଠର ତାରିଖରୁ ବନ୍ଦ ହେଲାଣି ?—ବାପା ପଚାରିଲେ ।

"ହଁ, ଆମେ ଟିକିଏ ପୁରୀଆଡ଼େ ଯାଇଥିଲୁ । ସେଇଥିପାଇଁ ଡେରି ହେଲା ।"

ବୋଉ ଖାଇବାର ବନ୍ଦୋବସ୍ତ କଲା । ମିନୁ ମତେ ଦେଖି ଆନନ୍ଦରେ ନାଚିଗଲା । କିଛିଦିନ ପାଇଁ ଗପ କରିବାକୁ ତାକୁ ଗୋଟିଏ ସାଙ୍ଗ ମିଳିଲା ।

ପରଦିନ ସକାଳ ଗୁରୁଥିବା ବେଳେ ମୁଁ ଆଜ ମିନୁ ବୁଲୁଛୁ ବଗିଚା ଭିତରେ । ସାଥିରେ ମୋର ଗୋଟାଏ ଛୋଟ୍‌କଣି । ଗୋଟାଏ ଗୋଟାଏ ଗୋଡ଼ ଏଣେ ତେଣେ ପଡ଼ିଥାଏ ।

ମିନୁ କହିଲା, "ଭାଇ, କ'ଣ ଦବ ? ଗୋଟାଏ ମଜାକଥା କହିବ ।"

କହ ବନ୍ଧୁ—ମୁଁ କହିଲି ।

—କ'ଣ ନ ଦେଲେ ଏତେ ସୁନ୍ଦର କଥା——— ।

—ଅଚ୍ଛା, ତୋର ଗୋଟାଏ ଫଟୋ ଉଠେଇଦେବି ।

—ବାପା ବୋଉ ଆଜ କଥାବାର୍ତ୍ତା ହେଉଥିଲେ, ଘରର ଜାହାଜର ଖବର ନେଇଥିଲେ ।

—ମା—ବାହାଘର !" ଆଶ୍ଚର୍ଯ୍ୟ ହୋଇ ପଚାରିଲି ମୁଁ ।

—ଝିଅଟି ଖୁବ୍ ସୁନ୍ଦର । ଗାର୍ଲ ସ୍କୁଲରେ ପଢ଼ୁଛି । ନାଆଁ କହିବି ?" ଏତିକି କହି ସେ ହସି ଉଠିଲା ।

ମୁଁ କହିଲି, "ବୋଉ ତ ମତେ କହୁନାହିଁ ।"

—କହିବ ବୋଧହୁଏ ।

ଦିନେ ପଢ଼ାଘରେ ବସି ଅଧାପଢ଼ା ନଭେଲଟା ପଢ଼ୁଛି, ବୋଉ ଆସି ପାଖରେ ଠିଆହେଲେ ।

ବୋଉ କହିଲେ, "ତୋର ତ ବର୍ତ୍ତମାନ ଦମାସ ଖଣ୍ଡେ ଛୁଟି ଅଛି ବାପା କହୁଥିଲେ ତୋର ବାହାଘର ଏଇ ଅଗ୍ରହାଣର ପ୍ରଥମ [illegible]କୁ କରିବାପାଇଁ । ପାତ୍ରୀଟି ମଧ୍ୟ ଭଲ ।"

ମୁଁ କହିଲି, "ବର୍ତ୍ତମାନ ମୁଁ ବାହାହେବିନି । ପଢ଼ା ଆଗ ସରୁ—ତା ଛଡ଼ା ମିନୁର ବାହାଘର ସରୁ । ତୁ ବାପାଙ୍କୁ ସେଇକଥା କହିଦେବୁ ।"

ମିନୁ ଆସିଛି ଖଣ୍ଡେ ଚିଠି ନେଇ । ଚିଠିଟା ସ୍ନେହ ଲେଖିଥିଲେ । ସେମାନେ ଘରୁ ଫେରି ଆସିଛନ୍ତି—ତାଙ୍କୁ ବଡ଼ ଏକୁଟିଆ ଲାଗୁଛି—ମୁଁ ଯିବାକୁ ଲେଖିଛନ୍ତି ।

ବୋଉ ପଚାରିଲେ—ଚିଠି କିଏ ଦେଇଛି ?

—ଜଣେ ସାଙ୍ଗ ମୋର ।

"ଚାଲ ପିଲେ ଜଳଖିଆ ଖାଇବ" କହି ବୋଉ ଆଗରେ ଚାଲି... ମିନୁ ଆଉ ମୁଁ ପଛରେ ଚାଲିଲୁ ।

ମୋର ବାହାଘରରେ ଇଚ୍ଛା ନଥିବା କଥା ... ବାପା କହିଲେ—ସେ ଯଦି କହୁଛି ତେବେ ବାହାଘର ଆଉ ବର୍ଷେ ରହୁ ।

କଥାଟା ଶୁଣି ଆଶ୍ୱସ୍ତ ହେଲି ମୁଁ । କ୍ଲବରେ ଖେଳି ... ମିନୁ ସଙ୍ଗେ ଗପକରି ଛୁଟିଟା କଟାଇ ଦେଲି ।

ସ୍ନେହଙ୍କଠାରୁ ଅନେକ ଚିଠି ପାଇଥିଲି । ଶେଷ ଚିଠିଟାରେ ସେ ଲେଖିଥିଲେ—

ଦେବତା ମୋର,

ତମ ଚିଠି ପାଇଛି ।

ଘର ପାଖର A. R. P. Warden Post ... ଘରେ ସେକ୍ରେଟେରିଏଟ୍‌ର ଜଣେ କ୍ଲର୍କ ଅଛନ୍ତି । ତାଙ୍କର ...

ାର ଛାତ୍ର—ସବୁ ସୁନ୍ଦର ଲୋକ—ବିଶ୍ୱବିଦ୍ୟାଳୟରେ ନାମ
। ଛାତ୍ର ହିସାବରେ । ତାଙ୍କର ଘରେ ଗପ କରି ସମୟ ଏବେ
ଯାଉଛି ।

କେବେ ଆସିବ ?

ମୋର ସ୍ନେହ ଦେବ । ଇତି ।

ତମର
ସ୍ନେହ

—M. A. କ୍ଲାସର ଛାତ୍ର । ଅଜଣା ସେ ମୋର ।
ବିଷୟ ନେଇ ମନଟା ମୋର ଖେଳି ବୁଲିଲା ।

ପଚାରିଲି—ଭାଇ, ସ୍ନେହ କିଏ ?

ଭଉଣୀ ବୋଧହୁଏ—ମୁଁ ହସି ହସି କହିଲି ।

। ଖୁବ୍ ଭଲ ନାଆଁଟି—ସୁନ୍ଦର ହସ୍ତାକ୍ଷର । କଲେଜରେ
ଅନ୍ତରର ଅଭିଶାପରେ କହିଗଲେ ସେ ।

, "ହିଁ, ସ୍ନେହ ତୋର ଭଉଣୀ ବୋଧହୁଏ ହେଲେ ଭଲ

ହେଲେ ଯାଉଛି ବୋଉକୁ କହିବି—ତମର ବାହାଘର
ଦେବି ।"

"ଚୁପ୍, ଏଣିକି ବେଶି କହିବୁ ! ମୁଁ କଟକରୁ ଚିଠି ଦେବ —ତେବେ
।"

ହୋଇ ନୀରବ ରହିଲି ।

—ମୁଁ କଲେଜ ଫେରିଲି ।

ଲେ ବୋଉଠାରୁ ବାରମ୍ବାର ତାଗିଦା ଶୁଣିଲି ମୁଁ—

"ଦକ୍. ଅରବର୍ଣ୍ଣ କଥା ମିଛ । ଏଇ ମାର୍ଗଶିରରେ ବାଞ୍ଛା ମିଡ ହତ୍ୟା କରିଦେବ । ମୋ ସ୍ତ୍ରୀ ଛି—କଥାରେ ମୋର ଅବାଧ୍ୟ ହୁଏ।"

ତାକୁ ଏକାରକମ ପ୍ରଚଣ୍ଡ ଛ ଦେଇ ଅସିଲି।

ହଷ୍ଟେଲରେ ପହଞ୍ଚି ଦେଖେ ତ କେହ ପିଲା ଘେର ନାହାନ୍ତି। ପାଖ ପୁର ପିଲାମାନେ ହଷ୍ଟେଲରେ ଭର୍ତ୍ତି ହୋଇଛନ୍ତି। ସତେ ... ଘାଡିକିଅ ଘର ମିଳଥାଏ। ମୁଁ ଜନଶପନ ସଡକ୍ ସନ୍ତଓ କ... ଶୋଇ ପଡ଼ଲି।

ସନ୍ଧ୍ୟା ପରେ ଡକ୍ଟର୍ ସେନ୍ଙ୍କ ଘରଅଡେ — ମନରେ ... ଥିଲା କାରଣାର ଦ୍ୱନ୍ଦ୍ୱ ଯୁଦ୍ଧ।

କବାଟରେ ଠକ୍ ଠକ୍ କଲି। କବାଟ ଖୋଲିଲି ଠିକ୍। ଫେନ୍ଦ ମତେ ଦେଖି ଖୁବ୍ ଖୁସି ହୋଇ ନମସ୍କାର କଲେ।

ସେଗଣ୍ଡ କଣ ନାହିଁ—ସେଇ ହସ—ସେଇ ଆଖି। ସେ ସ୍ୱଚ୍ଛା।

"ଆଜି ଗାଡରେ ଅସିଲ—ନାଁ।" ସେ ପଚାରିଲେ।

'ହଁ'—ଗମ୍ଭୀର ଭାବରେ ଉତ୍ତର ଦେଲି ମୁ।

ମୁଁ ଚାହିଁ ରହିଥିଲି ତାଙ୍କର ଆଖିପୋଡ଼କୁ — ଚେଷ୍ଟା ... ତାଙ୍କୁ ବୁଝିବାକୁ।

'ମାଉସୀ ?' ମୁଁ ପଚାରିଲି।

'ଅରଘରେ।' —ସେ କହିଲେ।

ମାଉସୀଙ୍କୁ ଦେଖାକରି ତାଙ୍କ ସଙ୍ଗରେ ଏଣୁତେଣୁ କଥାବାର୍ତ୍ତା ... ଫେରିଲି ସେନ୍ଙ୍କ ପାଖକୁ।

ବଇଶାରେ ଶୋଇ ରହିଥିଲେ ସେ। ମୁଣ୍ଡ ଉପରେ କ୍ୟାମ୍ପ ... କ୍ଷୀଣ ଭାବରେ ଜଳୁଥିଲା।

ମୁଁ ଟେବୁଲରେ ବସିପଡ଼ି କହିଲି, "ପଢ଼ାପଢ଼ି ଖୁବ୍ କରୁଛ ?"

ସେ କିଛି ଉତ୍ତର ଦେଲେନି ।

ମୁଁ ଚାହିଁଲି ତାଙ୍କର ମୁହଁ ଆଡ଼କୁ—ମହଣ ଶୁଣି ଯାଉଛି—ଆଖି ଛଳ ଛଳ ।

କଥା କାହିଁକି କହୁନ ?—ପଚାରିଲି ମୁଁ ।

ନିରୁତ୍ତର ସେ ।

ମୁହଁଟା ଏମିତି ଶୁଖେଇଛ କାହିଁକି ?

ସେଥିରେ କାହାର କଅଣ ଅଛି ? — ସେ କହିଲେ ।

ଯଦିଥାଏ— ? ମୁଁ ପଚାରିଲି ।

"ଥିଲେ ଏତେ ଦିନଯାଏ ମନେ ପଡ଼ାନ୍ତା ନାହିଁ । ପାଖଛଡ଼ା ହେଲେ ଲୋକ ଏମିତି ବଦଳନ୍ତି ?"

ବେଦନାର ଆତିଶଯ୍ୟରେ ଅଧିକ କିଛି କହି ପାରିଲେନି ସେ । ...ର ଝର ହୋଇ ଗଡ଼ିପଡ଼ିଲା ଲୋତକ ଦୁଇଧାର ତାଙ୍କର ବହଳ ଚିକ୍କଣ ଗଣ୍ଡ ଉପରେ ।

ରୁମାଲରେ ତାଙ୍କ ଆଖିରୁ ଲୁହ ପୋଛି ପୋଛି କହିଲି, "ଛି ସ୍ନେହ, କାନ୍ଦୁଛ ! ମୋର ଭୁଲ—ମତେ କ୍ଷମା କର ।"

ସ୍ନେହ ଆଶ୍ୱସ୍ତ ହେଲେ । ମୋର ଗଳାରେ ବାହୁଛନ୍ଦି କହିଲେ, "ଛି, ଏମିତି ...ମେ । ତମେ କଅଣ କରିବ ? ତମ ଜାତିଟା ତ ସେମିତି ।"

ପୁରୁଷଜାତିର ଅବମାନନା ମୁଁ ସହିନେଲି ମଥା ନତ କରି । ସ୍ନେହଙ୍କ ବାହୁ ବନ୍ଧନରେ ସନ୍ଦେହର ଛାଇ ଲିଭିଗଲା ।

ପରଦିନ କ୍ଲାସରେ ସୁଧାଂଶୁ ସଙ୍ଗେ ଦେଖା ହେଲା ।

"କେବେ ଆସିଲ ଘରୁ ?" ସେ ପଚାରିଲା ।

—କାଲି ।

—ତୋ ବାହାଘର କଥା କଅଣ ହେଲା ?

"ନଭେମ୍ବର ମାସରେ ହେବାର ଅଛି ।" ମୁଁ କହିଲି ।

"କଅଣ ଏଇ ସ୍ନେହଲତାଙ୍କ ସଙ୍ଗରେ —" ହସି ହସି ସେ ପଚାରିଲା ।

"ହେଲେ ଷତି କଅଣ ?"

"ସେ ହସି ଉଠିଲା; କହିଲା, '·ଷତି ସତରେ ନାହିଁ—ତେବେ ମୋ ମତରେ ସମାଜର କୌଣସି ଏକ ଶିକ୍ଷିତା ବାଳିକାକୁ ବାହାହେଲେ ତୁ ବେଶୀ ସୁଖୀ ହୋଇ ପାରନ୍ତୁ । ତୁ ବର୍ତ୍ତମାନ ଯେତେ ସୁଖୀ ହେବୁ ବୋଲି ଭାବୁଛୁ—ସେ ସୁଖ ଖୁବ୍ କମ ହୋଇ ରହିବ ।" ·

"ସୁଧାଂଶୁ, ତୁ ଥରେ ଯଦି ସ୍ନେହଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତୁ, ତେବେ ବୁଝନ୍ତୁ—କେତେ ସରଳ ସେ !"

"କଲେଜ-ଗର୍ଲ୍ ଟି । ସେସବୁ ନ ହେଲେ ଚଳିବ ? ହଉ— ବନ୍ଧୁ, ଜୀବନର ପ୍ରଥମ ପ୍ରେମ ·Wish you best of luck."

ଏତିକିବେଳେ ଆମ ପାଖ ଦେଇ ଗୁଲିଗଲେ ଜଣେ ସୁନ୍ଦରୀ ତରୁଣୀ । ନୂଆ ମୁହଁ—ଚିହ୍ନି ନପାରିଲି ମୁଁ ।

ସୁଧାଂଶୁ କହିଲା, "ଶାରଦା ଦେବୀଙ୍କ ସାନ ଭଉଣୀ—ବାଣୀନ୍ଷିକା ।"

"I. Sc. ପାସ କରି କଅଣ କରିବୁ ?" ସୁଧାଂଶୁକୁ ମୁଁ ପଚାରିଲି ।

ମୋଠାରୁ ଏମିତି ଅପ୍ରତ୍ୟାଶିତ ପ୍ରଶ୍ନ ଶୁଣି ସେ ପଚାରିଲା—ମାନେ ?

"ମାନେ—ତୁ ଆଉ ଅଧିକା ନ ପଢ଼ି ଯଦି ଖବରକାଗଜର ରିପୋର୍ଟର ହୁଅନ୍ତୁ ତେବେ ଭଲ ହୁଅନ୍ତା ।"

ସୁଧାଂଶୁକୁ ମୁଁ ବୁଝିପାରେନା ଆଜି ପର୍ଯ୍ୟନ୍ତ । ଅସମ୍ଭବ ରକମ ପିଲା ସେ । ତାର ଆଚରଣ ତା ନିଜରେ ଏକ ନର୍ଚ୍ଚ । କ୍ଲାସରେ ଛାତ୍ରୀମାନଙ୍କ ଅଡ଼୍ଡା କରେ—ରାସ୍ତାରେ ବଗିଗାଡ଼ିଟିଏ ଦେଖିଲେ ତା ଭିତରକୁ ଉହୁଁକି

ଗୁହେଁ—କ୍ଲାସ, ଛଡ ଷ୍ଟେସନ ଦୌଡ଼େ ସୁନ୍ଦରୀ ମୂର୍ତ୍ତି କେଇଟା ଦେଖି ପାଇଁ—ହିନ୍ଦେଷାରେ ସାମନା ଚେୟାରରେ ଦୁଇଜଣ ଯୁବତୀ ବସିଥାନ୍ତି ଓଁଙ୍କର ଶାଢ଼ୀ ସୁଧାଂଶୁର ସିନାରେ କଥାରେ କଷ୍ଟ ହୁଏ—ସହରେ ଅଧିକାଂଶ ଝୋଡ଼ଶୀଙ୍କ ଖବର ସେ ରଖେ । ତଥାପି ସେ ନାରୀ ପ୍ରୀତି ଘୃଣା କରେ ।

ମୁଁ ତାକୁ ବୁଝି ପାରେନା; ପାରିବା ମଧ୍ୟ କଷ୍ଟ ।

—ସ୍ନେହଙ୍କ ଉପରୁ ସବୁ ସନ୍ଦେହର ପ୍ରଶ୍ନ ଲିଭିଯାଉଥାଏ ମୋର... ସେଦିନ ସନ୍ଧ୍ୟାରେ ତାଙ୍କ ଘରେ ପହଞ୍ଚି ଦେଖେଁ, ସ୍ନେହ ସମରବାବୁଙ୍କ ଘରକୁ ଯାଇଛନ୍ତି । ପଡା ଘରେ ଲ୍ୟାମ୍ପ ଜଳୁଛି ।

ବସି ରହିଲି ସ୍ନେହଙ୍କ ଅପେକ୍ଷାରେ । ହାତଟା ମୋର ଟେବୁଲ ଉପରେ ହୋଇ ପଡ଼ିଲା । ତ୍ରୁଟି ଟାଣି ଦେଖିଲି—Bernard Shaw's 'Man and Superman' ବହି ଖଣ୍ଡେ ରଖା ହୋଇଛି । ବହିଟି ଖୋଲିଲି । ପ୍ରଥମ ପୃଷ୍ଠାରେ ଲେଖାଥିଲା—For my lovely Sneha

Samar Da...

—ଛାତିଟା ମୋର ଧପ୍ ଧପ୍ କରି ଉଠିଲା । ସ୍ନେହଙ୍କ ଉପରେ ଅବିଶ୍ୱାସର ଅଭିଯାନ ହେଲା ମୋର ।

ବହିଟା ସଙ୍ଗରେ ନେଇ ବାହାରି ପଡ଼ିଲି । ପରଦିନ ପ୍ରାକ୍ଟିକାଲ କ୍ଲାସରେ ତାଙ୍କ ସଙ୍ଗେ ଦେଖା ହେଲା ।

ପଚାରିଲେ—ଆମ ଘରୁ ଆଉକି ଯିବ ଆଜି ?

ମୁଁ କହିଲି—ହଁ, ତୁମର ଖଣ୍ଡେ ବହି ଥିଲା ମୋ ପାଖେ । ହେଲେ ଅଛି ତ ଯାଇପାରିବି ନା । କାଲି ଯିବ ।

'କି ବହି ?' ସେ ପଚାରିଲେ ।

'Bernard Shawଙ୍କର ସେ କହୁଛି ।'

କଥା ପଦକ ଶୁଣି ମୁହଁ ତାଙ୍କର କଳା ପଡ଼ିଗଲା ।
କ ଦେଇ ସେ ବାମରେ ବ୍ୟସ୍ତ ରହିବାର ଛଳନା କଲେ ।

ସୁଧାଂଶୁର ଅନୁରୋଧରେ ସେଠାରୁ ଆମେ ଦକ୍ଷିଣ ଆଡ଼େ ଚାଲି ଗଲୁ । 'ବେଡ଼ି' ଖୁଲୁଥାଏ । ଅନେକ ଝିଅଙ୍କ ପିଲାଙ୍କୁ ଧରି ଯାଇଥାଏ । ଆମେ ଭିତରରେ ଦୁଇଟା ଟଙ୍କା ଦେଇ ଟିକେଟ କିଣି ଭିତରକୁ ଗଲୁ ।

ଆମର ଆଗ ପଡ଼ିଗଲା ଆଗ ଧାଡ଼ିର ଜଣେ ତରୁଣୀଙ୍କ ଉପରେ ।
ସୁଧାଂଶୁ ପଚାରିଲା, 'କିଏ ?'
'ଜାଣେନି', ମୁଁ କହିଲି ।

ମୁଁ ପିଛକୁ ଦେଖିଲି; କିନ୍ତୁ ସୁଧାଂଶୁ ଗୁହାଁ ରହି ଥିଲା ।

ଇଣ୍ଟରଭେଲ ହେଲା—ଅଳ୍ପ ଲାଇଟ ଜଳି ଉଠିଲା । ମୁଁ ଆଗ ଆଡ଼େ ଚାହିଁଲି । ପିଛକୁ ଦେଖି ଆଖି ମୋର ଚକ୍ ଚକ୍ ହୋଇଗଲା । ଭୁଲ ହୋଇଥିବ ଭାବି ଆଖିଟା ମଳି ଭଲକରି ଦେଖିଲି ବସିଛନ୍ତି ଜଣେ ଯୁବକଙ୍କ ପାଖରେ—ସମ୍ଭବତଃ ସମର ବାବୁ ।

ମତେ ସେମାନେ କାଳେ ଦେଖି ପାରିବେ ବୋଲି ମୁଁ ବାହାରି ଚାଲି ଆସିଲି ।

ସୁଧାଂଶୁ କହିଲା, 'ଅବିଶ୍ୱାସ କରୁଥିଲୁ ମତେ ! ଆଖିରେ ଦେଖ ।'

ମୁଁ ମୂକ ପାଲଟିଗଲି; ତାର କଥାର ଉତ୍ତର ଦେଇ ପାରିଲି ନାହିଁ ।

ଇଣ୍ଟରଭେଲ ସରିଲା—ଛବି ଆରମ୍ଭ ହେଲା—ଆମେ ସିନେମା ଦେଖିଲୁ । ଏଥର ମୁଁ ଛବି ଦେଖି ପାରିଲିନି—ତାଙ୍କରି ଆଡ଼କୁ ଗୁହାଁ ରହିଲି ।

...ଖିଲି—ଯାହା ମୁଁ କଳ୍ପନା କରି ପାରିନଥିଲି ।

ଜାଣିଥିଲା—ସ୍ନେହ କଅଣ —ଶିକ୍ଷା ନାହିଁ କଅଣ ।

ସିନେମା ଭାଙ୍ଗିବାର ଘଣ୍ଟି ହେଲା । ସୁଧାଂଶୁ ଓ ମୁଁ ବାହାରିଲୁ ଆସିଲୁଁ ।

ସୁଧାଂଶୁ କହିଲା— ଯିବାକୁ ଆଜି follow କରିବାକୁ ହେବ ।

"ଦରକାର ନାହିଁ" ମୁଁ ଉତ୍ତର ଦେଲି ।

"ଦରକାର ଯଥେଷ୍ଟ । ସୁବିଧା ଯେତେବେଳେ ପାଉଛୁ ବୁଝିନେ ...ହାଁ କଅଣ ।"

ସେମାନେ ଗଲେ ଗୋଟାଏ ବଡ଼ ଗାଡ଼ିରେ । ଆମେ ତାଙ୍କ ...ରେ ଅନ୍ୟ ଗୋଟାଏ ବସିରେ ଚଳିଲୁଁ । ବେଣୀ ବାଟ ଯିବାକୁ ...ନ ଅମକୁ । ତାଙ୍କ ବସି ନଟକୁଳ ଅଡ଼େ ହଣିଲ— ଅମେ ଫେରି ...ସିଲୁଁ ।

ମୁଁ ହଷ୍ଟେଲ ଫେରିଲି ।——ଜୀବନରେ ପ୍ରଥମ ଯାହାପାଇଁ ...ଙ୍କା—ପ୍ରଥମ ଥର ଅଘାତ—ମତେ ବଡ଼ କଷ୍ଟ ହେଲା । ଯାହାପାଇଁ ...ନର ସର୍ବସ୍ୱ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ଥିଲି ମୁଁ ତାଠାରୁ ଏତେ ବଡ଼ ...ତାରି ଅଛିର ବୋଲି କଳନା କରି ନଥିଲି । ପ୍ରାଣ ଦେଇଥିଲି ...ବଦଳିରେ ଛଳନା ପାଇଛି ।

...ଭିତର କଥାଟା ବୁଝିବାପାଇଁ ପରଦିନ ସକାଳ ସାତଟାରେ ...ଙ୍କ ଘରେ ପହଞ୍ଚିଲି । ଦେଖି ଅବାକ୍ ହେଲି—ସ୍ନେହଙ୍କର ନିଦ ...ନାହିଁ । କେଷ୍ଟର ପାଇଁ ଛଳନାର ଅଭିନୟ ଦେଖିବାକୁ ଯାଇ ...ଙ୍କର ଚିବୁକରେ ହାତ ମାରି କହିଲି, —ଏବେ ବି ଶୋଇଛ, ଅଥଚ ...ତ ନିଦ ।

(ସେ ଚମକି ଉଠି ପଡ଼ିଲେ । ଲୁଗାପଟା ତାଙ୍କର ଅସଂଯତ - ମୋର ଆଖି ପଡ଼ିଗଲା ତାଙ୍କର ଉନ୍ମୁକ୍ତ ଦେହ ଉପରେ — ଯାହା ମତେ ଦିନେ ପାଗଳ କରି ଦେଇଥିଲା ।)

"କାଲି ଯାଇଥିଲି ଝିଅଣାଘରକୁ । ତା ଶ୍ୱଶୁରଙ୍କର ଗୋଟିଏ ପୁଅ ହୋଇଥିଲା — ଖାଇବାକୁ ଡାକିଥିଲେ । ଫେରୁ ଫେରୁ ଅନେକ ରାତି ହୋଇଗଲା ।"

ମୁଁ ସ୍ନେହଙ୍କ କଥା ଶୁଣି ଅବାକ ହେଲି । ଦୁନିଆକୁ ଏମିତି ଠକିବାକୁ ବସିଛନ୍ତି ଏମାନେ ।

'ବସ, ବର୍ତ୍ତମାନ ଆସୁଛି' କହି ସେ ଘର ଭିତରକୁ ଚାଲିଗଲେ । ମୁଁ ପଢ଼ାଘର ଟେବୁଲ ଉପରେ ବସିଲି । ସମର ବାବୁଙ୍କ ସଙ୍ଗେ ସ୍ନେହଙ୍କ ପ୍ରଣୟର ଗୁପ୍ତ ଇତିହାସ ଜାଣିବାକୁ ଇଚ୍ଛା ହେଲା ମୋର ! ଟେବୁଲର ଡ୍ରୟାର ଖୋଲାଇ ବସିଲି କୌଣସି ଚିଠିପତ୍ର ପାଇବା ଆଶାରେ । ଖଣ୍ଡେ ଚିଠି ପାଇଲି । ଉପରେ ଲେଖାଥିଲା — ମନୋରଞ୍ଜନ ମହାନ୍ତି ।

ମନେ ପଡ଼ିଲା — ଏଇ ମନୋରଞ୍ଜନ ବାବୁଙ୍କ ସଙ୍ଗେ ଠିକ୍‌ର ଛନ୍ଦ ଦିନରେ ଦେଖା ହୋଇଥିଲା ମୋର । ସ୍ନେହ କାହିଁକି ଚିଠି ଲେଖିଲେ ତାଙ୍କ ପାଖକୁ ? ଏଇ କଥା ଭାବି ମନଟା ସନ୍ଦେହରେ ଭରି ଉଠିଲା । ଚିଠି-ଟା ତଳ ପକେଟରେ ରଖିଲି ।

କିଛି ସମୟ ପରେ ସ୍ନେହ ଆସିଲେ ନୂଆ ପ୍ରକାର ବେଶଭୂଷାରେ । ହସି ହସି କହିଲେ — ହଇଲୋ, ଫିଲୋସଫର୍ — କଅଣ ଭାବୁଛ ବସି ?

'ପ୍ରେମର ପ୍ରତିଦାନ' ମୁଁ ଉତ୍ତର ଦେଲି ।

ଉଠି ଠିଆ ହେଲି ଯିବାକୁ । ସେ ମୋ ପାଖକୁ ଆସି ମୋ କାନରେ ହାତରଖି କହିଲେ — ସନ୍ଧ୍ୟାବେଳକୁ ଆସିବ । ଅନ୍ଧକାରି ତମେ ଯେମିତି ହେଲଣି —

... ଚିଠିକ ଶୁଣି ମୁଁ ହସିଲି । ବାସ୍ତ 'ଏତେ ଛଳନାମୟୀ ହୋଇପାରେ—ଏ ମୋର କଳ୍ପନାରେ ନ ଥିଲା ।

ବସାକୁ ଆସିଲି । କିଛି ବାଟ ଚାଲି ଆସି ଚିଠିଟା ପଢ଼ିଲି—

ପ୍ରିୟ ମୋର,

ତମ ଚିଠି ପାଇଛି । ପଢ଼ାପଢ଼ିରେ ବ୍ୟସ୍ତ ଥିବାରୁ ଉତ୍ତର ଦେଇ ପାରି ନଥିଲି ।

ତମେ ଏମିତି ମୋତେ କହିବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ପାରିନଥିଲି ମୁଁ । ଜୀବନ ବାବୁଙ୍କ ସଙ୍ଗେ ମିଳାମିଶା କରିବା ତମ ମନରେ କାହିଁକି ସନ୍ଦେହର ଧାନ୍ଦି ଆଣି ଦେଇଛି—ମୁଁ ବୁଝିପାରୁନି । ମୋର ତାଙ୍କ ସଙ୍ଗରେ ବନ୍ଧୁତା ମାତ୍ର ସାଧାରଣ ଭାବରେ । ଏତେ ଘୋଷଣା କରିବ—ଜୀବନ ମୋର ଦେବତା ତମରି ପାଦତଳେ । ମୁଁ ତା'ର ଅବମାନନା କେବେ କରି ପାରିବ ନାହିଁ ।

ପିଲାଦିନରୁ ଏକ ମନ, ଏକ ପ୍ରାଣ ନେଇ ବଢ଼ି ଆସିଛେ ଆମେ । ସମାଜରେ ତାହା ଅସମ୍ଭବ ବୋଲି ଆଜୀବନ ଅବିବାହିତ ରହିବାକୁ ପ୍ରସ୍ତୁତ କରନ୍ତି । ଅତ ସେଥିପାଇଁ ମୁଁ ମୋର ଲକ୍ଷ୍ୟ ବାଛି ନେଇଛି ।

ଲେଖିଛ—'ମତେ ଭୁଲିଯିବାକୁ ଚେଷ୍ଟା କରିବ ।'

—ଜୀବନରେ ଅଦେୟ ତମ ନିକଟରେ ମୋର କିଛି ନାହିଁ । ତୁମକୁ ପାଇ ମୁଁ ଯେ କେତେ ଭାଗ୍ୟବତୀ ତା ମୁଁ ନିଜେ ମଧ୍ୟ କଳ୍ପନା କରିପାରେନା । ହୁଏତ ମୋର ଦୁର୍ଭାଗ୍ୟ ହୋଇପାରେ ତମେ ମତେ ଭୁଲି ଯାଇପାର; କିନ୍ତୁ ମୁଁ ଯାହାଙ୍କ ପାଦତଳେ ମସ୍ତ ବିକାଇଛି ତାଙ୍କୁ ଭୁଲି ପାରିବ ?

ଚିଠିଟା ପାଇ ଥରେ ଆସିବ ।

ଜୀବନର କଥାବାର୍ତ୍ତା ଚିଠିରେ ଲେଖି ହୁଏନା । ଇତି ।

ତମର

ଝଲଅଳ ରଙ୍ଗକୁମାରୀ

'ସ୍ନେହ'

ଚିଠିଟା ଏହି ବିଶ୍ୱାସରେ ପଢ଼ିଗଲି ।

ତାହାହେଲେ ମନୋରଞ୍ଜନବାବୁ ମଧ୍ୟ ଭଲ ପାଆନ୍ତି ସ୍ନେହଙ୍କୁ, ଏବଂ ସ୍ନେହ ମଧ୍ୟ ପ୍ରତିଦାନ ଦିଅନ୍ତି ।

ସୁଧାଂଶୁର ନାସ୍ତିକତା ପାଇଁ ଘୃଣା ଅମୂଳକ ନୁହେଁ !

ସ୍ନେହ—ପରିକଳ୍ପନାର ବାହାରେ ସେ ଦୂର । ତଥାପି ମୁଁ ମଧ୍ୟ ତାଙ୍କୁ ହୃଦୟେ ଭଲ ପାଉଥିଲି । ଭାବିଲି—ଶିଉଳି ଉପରେ ଟମ୍ପିଥିବା ପାଦ ଦୁଇଟିକୁ ଯଦି ମୁଁ ଉଠାଇ ଆଣିପାରେ, ସେଇ ମୋ ପକ୍ଷରେ ଯଥେଷ୍ଟ ହେବ ।

ସେଦିନ କ୍ଲାସକୁ ଗଲି ନାହିଁ । ଲକ୍ଷଣାରେ ପଡ଼ିରହି ଏଣୁତେଣୁ ଭାବିଲି । ଖଣ୍ଡେ ଚିଠି ଲେଖିଲି ତାଙ୍କ ପାଖକୁ—

ସ୍ନେହ,

—ଏମିତିଆ ଚିଠିଟିଏ ତମ ପାଖକୁ ଲେଖିବାକୁ ବାଧ ହେଉଛି ମୁଁ । ଚିଠିଟା ପଢ଼ି କ'ଣ ଭାବିବ ସେ କଥା ମୁଁ ଜାଣେନି ।

ଛୁଟିରୁ ଫେରି ଦେଖେଁ, ତମେ ମୋ ପାଖରୁ ବହୁତ ଦୂରକୁ ଚାଲି ଯାଇଛ । ସେଥିପାଇଁ ଦୁଃଖ କରିବାକୁ ଅବକାଶ ପାଉନି ।

ଛୁଟିରେ ଘରେ ଥିଲାବେଳେ ବୋଉ ବରାବର ଜଗିର ଲାଗି ଥିଲେ ମୋର ବିବାହ ପାଇଁ । ତାକୁ ବହୁତ ବୁଝାଇ ନଭେମ୍ବର ମାସ ପର୍ଯ୍ୟନ୍ତ ସମୟ ଆଣିଛି । ନଭେମ୍ବର ମାସରେ ମତେ ବିବାହ କରିବାକୁ ପଡ଼ିବ ନିଶ୍ଚୟ । ବାପା ବୋଉଙ୍କର ଅବାଧ୍ୟ ହୋଇ ପାରିବନି ମୁଁ ।

ଜୀବନରେ ପ୍ରଥମ କରି ଭଲ ପାଇଥିଲି ତମକୁ । ତମର [illegible]—ପ୍ରେମ ନିକଟରେ ମୁଁ ହାର ମାନିଛି । ମୋର ଇଚ୍ଛା, ସାରା ଜୀବନ୍ ପାଇଁ ସେଇ ବନ୍ଧନକୁ ଧରି ରଖନ୍ତି । ତମେ ଶିକ୍ଷିତା—ସବୁ ବୁଝ । ମାଉସୀଙ୍କର ଏଥିରେ ଆପତ୍ତି କରିବାର କିଛି ନାହିଁ । ବାପା

ସ୍ନେହ ଓ ପ୍ରେମକୁ ଭୁଲିବାକୁ ପଡ଼ିବନି । ମୋର ଆଶା, ବଡ଼ଘର ଝିଅ ବୋଲି ତୁମେ ଗର୍ବ କରିବନି ।

ତମ ଆଗେ ଅଛପା ରହି କିଛି ଲାଭ ନାହିଁ । ମୁଁ ଜାଣେ—ମନୋରଞ୍ଜନ ବାବୁଙ୍କୁ ତମେ ଭଲପାଅ—ଚିରକୁମାରୀ ରହିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଛ । ସେ ସେଇଥିପାଇଁ ତମ ଅପେକ୍ଷାରେ ବସିଛନ୍ତି ।

ମୁଁ ଜାଣେ—ତମେ ସମରବାବୁଙ୍କୁ ଭଲପାଅ । ତମ ଦୁଇଜଣଙ୍କୁ ମୁଁ ସେଦିନ ଦେଖିଛି ସିନେମାରେ ।

ତଥାପି ମୁଁ ପ୍ରସ୍ତୁତ ଅଛି ତମକୁ ସାଥିରୂପେ ନେବାକୁ । ସମସ୍ତଙ୍କର ସେମିତି ହୋଇଥାଏ । ଶିଉଲୀ ବାଡ଼—ଗୋଲ ଖସେ । ସେଥିପାଇଁ ମୁଁ କିଛି ଭାବୁନି । ବରଂ ତମେ ମୋର ସ୍ତ୍ରୀ ହେଲେ ମୁଁ ବେଶୀ ସୁଖୀ ହେବି ।

ଜୀବନରେ ପ୍ରଥମ ଧୂପକାଠି ଜାଳିଛି ତମେ । ଅଦ୍ୟାବଧି ସେଇ ଧୂପର ଗନ୍ଧ ମୋ କୁଟୀରରୁ ଅପସରି ଯାଇନି । ମୋର ଆଶା ତାକୁ ଚିରଦିନ ଧରି ରଖିବାପାଇଁ ।

ମୋର ହୋଇ ଚିଠିଟା ବୁଝିବାକୁ ଚେଷ୍ଟା କରିବ ।

ତମର
ଜୀବନ

—ଚିଠିଟା ନେଇ ପାଞ୍ଚଟା ବେଳକୁ ତାଙ୍କ ଘର ଆଡ଼କୁ ବାହାରିଲି ।

ଝିଅଟି କବାଟ ଖୋଲିଲା ।

ପଚାରିଲି, "ଅପା କାହିଁ ?"

"ତାଙ୍କ ଘରେ ।"

ଚିଠିଟା ତା ହାତକୁ ଦେଇ କହିଲି, "ଅପା ଆସିଲେ ଦେଇଦେବ ।"

...ନ ଦଣ୍ଡ ବେଳେ ରଘୁ ଅଣିଲା ଖଣ୍ଡେ ଚିଠି । ରଘୁ ଉଠିଲା ... ଉଠିଲା ।

...ଠିଟା ଖୋଲିଲା । ଦୁଇଧାଡ଼ି ଲେଖା ଥିଲା —

...

କ୍ଷମା କରିବେ । ଆପଣଙ୍କର 'ପ୍ରେମ' ମୁଁ ଗ୍ରହଣ କରି ...ପାରିବି ନାହିଁ । ମୁଁ ବିବାହକୁ ଘୃଣା କରେ । ଇତି ।

ସ୍ନେହ

ଚିଠିଟା ପୁଣିଥରେ ପଢ଼ିଲା ।

... ଙ୍କ କୋମଳ ଗଣ୍ଡ ଉପରୁ ମୋର ଶେଷ ଚୁମ୍ବନର ଦାଗ ଅଦ୍ୟାପି ... ସେ ଏମିତିଆ ପ୍ରତିଦାନ ଦେବେ ବୋଲି ମୁଁ କଳ୍ପନା କରି ... ନାହିଁ ।

...ର ଚିଠି କିଛି ଉତ୍ତର ଦାବି କରୁ ନ ଥିଲା ... ତଥାପି ... ମନ ହେଲା; ଆଜି ଲେଖିଲି —

...,

... ଙ୍କୁ ପ୍ରଥମ କରି ଦେଖି ପାଇଥିଲି ତମକୁ — ତମର ନୟନରେ ... ତମକୁ ଗୋଟିମାତ୍ର ... କରି ପାଉଛି ବୋଲି ଭାବୁଥିଲି ... ର-କଳା ଜୋଡ଼ା ... ଗୃହିଣୀ ମୁଁ ... କଳ୍ପନା ...ଥିଲି — ତମକୁ ନେଇ ... ଯୁଗର ଶେଷ ... ସ୍ୱପ୍ନ ... ଦେଖୁଥିଲି ମୁଁ ।

ପ୍ରତିଦାନରେ ତମେ ମୋର ... ବିଶ୍ୱାସରେ ବିଷ ... । ... ଦୁଃଖ କରୁନ ବା ଦୁଃଖ କରିବାର ଅବକାଶ ମୋ ... ମୁଁ ଭୁଲ କରିଛି ଏବଂ ସେଥିପାଇଁ ମୋର ପ୍ରାୟଶ୍ଚିତ୍ତ ... । ସୁଧାଂଶୁର ଅଟେ କଥାରେ ମୁଁ ... ହୋଇ ପାରିଥାନ୍ତି, ... ତମେ ... ନେଇ ଅଜି ଖେଳ ପାରି ନଥାନ୍ତି ।

ତୋର ମନେ ପଡ଼େ, ଦିନେ ଆମ ଦେଶର ଜଣେ ଲେଖକଙ୍କ କଥା କହିଥିଲି, 'ଲୋକମାନଙ୍କର ମୁହଁ ସେମାନଙ୍କ ହୃଦୟର ଦର୍ପଣ ନୁହେଁ ।"

ଆଜି ବୁଝୁଛି, ହୁଏତ ତମ ପରି ଆଉ କେହି ଜଣେ ଦୁଇଁଙ୍କ ଜୀବନ ନେଇ ଖେଳ ଯାଉଛି ।

ତମର ମୁହଁରେ ସରଳତାର ଛବି ଦେଖି ତମକୁ ମୁଁ ଭଲ ପାଇଥିଲି । ମୋର ଭଉଣୀ ମିନୁ ତମକୁ ନଦେଖି ନଶୁଣି ଭାଉଜବୋଲି ମନେ ନେଇଥିଲା । ମୁଁ ଜାଣି ନ ଥିଲି, ସେଇ ଭଅଁର—କଳା ଡୋଳା ତଳେ ଯନ୍ତ୍ରଣାଗର ବିଷ, ଅଜାତ ପଙ୍କ ଭରି ରହିଛି ବୋଲି ।

ତମେ କଲେଜ ଗାର୍ଲଙ୍କର ପରିସୀମାରୁ ବାହାରି ଯାଇନ । ସୁଧୀ, ଖାସିଗା, ବେବି, ସରୋଜା ଓ ସୁନ୍ଦି ଯାହା କହୁଥିଲେ ଆଜି ସେମାନଙ୍କ କଥା ଯଦି ସତ ହୁଏ, ପ୍ରଫେସର କୃଷ୍ଣମୋହନଙ୍କ କନ୍ୟା ନନ୍ଦିନୀ ଦେବୀ ମଧ୍ୟ ପ୍ରଶାନ୍ତବାବୁଙ୍କ ସଙ୍ଗେ ଯାହା କରୁଛନ୍ତି । ତମେ ସେଇଆହିଁ କରୁଛ । କଲେଜଗାର୍ଲଙ୍କ ଅକ୍ଷୟ କୀର୍ତ୍ତିକୁ ତମର ଦାନ ତମକୁ ଅମର କରି ଛାଡ଼ିବ ।

ମୁଁ ବିଶ୍ୱାସ କଲି—ତମେ ବିବାହ କରିବ ନାହିଁ । ବିବାହରୁ ଯେତିକି ସ୍ୱାଦ ମିଳେ ବୋଲି ତମର ଧାରଣା ସେତିକ ପାଇବାର ବ୍ୟବସ୍ଥା ତମେ ଯେତେବେଳେ ଯୋଗ୍ୟତାର ସହିତ କରିପାରୁଛ ସେତେବେଳେ ତୁମ ପାଇଁ ବିବାହର ଆବଶ୍ୟକତା ବା କଣ ?

ମନୋରଞ୍ଜନବାବୁ ଓ ସମର ବାବୁଙ୍କଠାରୁ ଯାହା ମାଗିବାର ଥିଲା ସେତକ ଆଦାୟ କରି ସାରି ସେମାନଙ୍କୁ ମଧ୍ୟ ତମେ ତଡ଼ିବାକୁ ବାଧ୍ୟ ହେବ ।

ଅଣ୍ଟା, ... ଗୋଟିଏ, କଥା — ଏ ସବୁର ଶେଷ କେଉଁଠି ? ...ଗଲେ
ପିଲାବେଳର ... [illegible] ... କର ...

[illegible] ... ବୁଝିବ ।

[illegible] ... ନେଇ ମୁଁ

[illegible] ... ମୁଁ ... ଭାଷାରେ ... ମୁଁ ... [illegible]

... ଜୀବନରେ ଗାଁ ସାଙ୍ଗରେ ଯଦି କେବେ ତମର ଦେଖା ... ତ ... ତା ମୁହଁକୁ ସିଧାଭାବରେ ଚାହିଁବାର ସାହସ ତମର ନ ଥିବ । ସେ କେବଳ ତମକୁ ଅପଣାର କରି ପାରିବ ।

... ଏ ଯାଏଁ ଆମ ଘରେ ସ୍ତ୍ରୀମାନଙ୍କର ... । ସମାଜ ଉପଯୋଗୀ ସ୍ଥାନ କାହିଁ ଦେଉଛି । ସେଥିପାଇଁ ଆମର ... ଦରକାର ନାହିଁ— କାରଣ ... ଶିକ୍ଷିତା ।

ସେମା ...

ଅଣା ...

ସ୍ୱମନ ...

ଛ ... କରି ...

ସ୍ତ୍ରୀ କ ...

... ନେଇ ...

... ।

... ।

dear— ...

ମୁଁ

ସ୍ୱ

। ...

...

Printed by L. Garabaru. at S. R. Press, Cuttack &
Published by Sri Radharaman Pustakalaya, Cuttack.